# ଜିଜ୍ଞାସା




ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ
ଯାଜପୁର



-ପ୍ରତିଷ୍ଠାତା -

**ରାୟବାହାଦୁର୍ ଚୌଧୁରୀ**
**ନରସିଂହ ଚରଣ ମହାପାତ୍ର**



# MESSAGE

I am extremely happy that the frontline Magazine "Jinaansa" of Narasingha Choudhury College is going to have its publication for the academic year 2019-20 "Jinnasa" the top title indicates no doubt, the creative instinct and deep enquiry of inherent talents and wisdom.

Todays' clarion call is to implement the hard earned wisdom and thoughts into a well directed way-which yields the solution of multi-farious problems of society. I owe a lot of thanks to all students, Teachers and employees, for their contributions and representation.

Let "Jinaansa" of Narasingha Choudhury College be the source of enquiry of searching knowledge of young talents, and the future of the Magazine be bright is my prayer before Goddess "Biraja".

**Prof. Fakir Mohan Mallick**
**Principal**
**N.C. (Auto) College, Jajpur**




# ॥ ସମ୍ପାଦକ ମଣ୍ଡଳୀ ॥

(ବାମରୁ ଡ଼ାହାଣକୁ)

**ଅଧାପକ ଅଜୟ କୁମାର ସାମଲ**

**ଅଧାପକ ଡ଼କ୍ଟର ପ୍ରଦୀପ କୁମାର ବେହେରା**

**ଅଧକ୍ଷ ଫକୀର ମୋହନ ମଲ୍ଲିକ**

**ଅଧାପକ ଡ଼କ୍ଟର ବିଷ୍ଣୁଚରଣ ଦାସ**

**ଶ୍ରୀ ଅତିଶ୍ କୁମାର ମହାନ୍ତି**

**(ବରିଷ୍ଠ ଗ୍ରନ୍ଥାଗାରିକ ତଥା ମୁଖ୍ୟ ନୋଡ଼ାଲ ଅଫିସର)**

**ଅଧାପକ ଭରତ ଚନ୍ଦ୍ର ସେଠୀ**




*National Seminar on Need of Self Defence Training for Girls' Students*




*International Seminar on Role of Youth in Social Reform and Sustainablity*



*Biraja Baktrutamala*




*ANNUAL ATHLETIC MEET : 2019-20*




***Plantation Programme***

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping

# ଜିଜ୍ଞାସା

# JIJNASA

## 2019-20

ଅଧ୍ୟକ୍ଷ

**ପ୍ରଫେସର ଫକୀରମୋହନ ମଲ୍ଲିକ**

**: ସମ୍ପାଦକ ମଣ୍ଡଳୀ :**

ଅଧ୍ୟାପକ ଅଜୟ କୁମାର ସାମଲ
ଅଧ୍ୟାପକ ଭରତ ଚନ୍ଦ୍ର ସେଠୀ
ଅଧ୍ୟକ୍ଷ ଫକୀର ମୋହନ ମଲ୍ଲିକ
ଅଧ୍ୟାପକ ଡ଼କ୍ଟର ବିଷ୍ଣୁଚରଣ ଦାସ
ଶ୍ରୀ ଅତିଶ୍ କୁମାର ମହାନ୍ତି
(ବରିଷ୍ଠ ଗ୍ରନ୍ଥାଗାରିକ ତଥା ମୁଖ୍ୟ ନୋଡ଼ାଲ ଅଫିସର)
ଡ଼କ୍ଟର ପ୍ରଦୀପ କୁମାର ବେହେରା

**ନରସିଂହ ଚୌଧୁରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ,
ଯାଜପୁର**

**N.C. (AUTO.) COLLEGE, JAJPUR**

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping





# ସମ୍ପାଦକୀୟ...

ବୃହଦାରଣ୍ୟକ ଉପନିଷଦରେ ଭାରତୀୟଦର୍ଶନର ଏକ ରୋଚକ ଭାବ-ବିଳାସ ଦେଖିବାକୁ ମିଳେ । ମହର୍ଷି ଯାଜ୍ଞବଲ୍‌କ୍ୟ ବାର୍ଦ୍ଧକ୍ୟରେ ଉପନୀତ ହେଲାପରେ ନିଜର ସମସ୍ତ ସମ୍ପତ୍ତିକୁ ତାଙ୍କର ଦୁଇ ପତ୍ନୀ କାତ୍ୟାୟନୀ ଓ ମୈତ୍ରେୟୀଙ୍କ ମଧ୍ୟରେ ବାଣ୍ଟିଦେଲେ । କାତ୍ୟାୟନୀ ସମ୍ପତ୍ତି ପାଇ ଖୁସି ହେଲେ ମାତ୍ର ବିଦୂଷୀ ମୈତ୍ରେୟୀ ପାର୍ଥିବ ସମ୍ପଦ ପ୍ରତି ଅନାସକ୍ତ ଥିଲେ । ତେଣୁ ଏହା ତାଙ୍କୁ ଆନନ୍ଦ ଦେଇପାରିଲା ନାହିଁ । ସେ ମହର୍ଷିଙ୍କୁ ଏକ ଚିରନ୍ତନ ସମ୍ପଦ ଭିକ୍ଷା କରେ; ଯାହା ଲାଭ କଲେ ସେ ଅମରତ୍ୱ ପ୍ରାପ୍ତ ହେବେ । ମହର୍ଷି, ମୈତ୍ରେୟୀଙ୍କର ବିଦ୍‌ବତ୍ତାର ପରିଚୟ ପାଇ ତାଙ୍କୁ ଆତ୍ମତତ୍ତ୍ୱ ଶିକ୍ଷା ଦେଇଥିଲେ । ଏଥିରୁ ଦୁଇଟି ଭାବର ଉନ୍ମୀଳନ ଦେଖିବାକୁ ମିଳେ । ଗୋଟିଏ ହେଲା ଜଡ଼ ବାସନା ଯୁକ୍ତ 'କାତ୍ୟାୟନୀ ଭାବ' ଓ ଅନ୍ୟଟି ହେଲା ଆଧାତ୍ମିକ ଚେତନା ସଂଯୁକ୍ତ 'ମୈତ୍ରେୟୀ ଭାବ' । ଏକ ପଟେ କାମନାର ଅତିଚ୍ଛର, ଅନ୍ୟପଟେ ନିଷ୍କାମ ଅନୁବୃତ୍ତି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ବିଷୟର ପ୍ରାସଙ୍ଗିକତା ଅନୁଭବ୍ୟ । ସାଂପ୍ରତିକ ସମାଜରେ କାତ୍ୟାୟନୀଭାବ ପ୍ରତୁଳ ଭାବରେ ଦୃଶ୍ୟମାନ । ଅର୍ଥର ମୋହରେ ସମସ୍ତେ ଆକ୍ରାନ୍ତ । ସତେ ଯେପରି ଅର୍ଥ ହିଁ ମାନବର ଆତ୍ମା । ତା'ର ବିଦ୍ୟା, ବୁଦ୍ଧି, ଚେତନା ସମସ୍ତେ ଅର୍ଥାକ୍ରାନ୍ତ । ବିଦ୍ୟା ଆଜି ମାନବର କଲ୍ୟାଣ ନିମନ୍ତେ ଅଭିପ୍ରେତ ନୁହେଁ । ତାହା ଅର୍ଥ ଉପାର୍ଜନର ଏକ ମାଧ୍ୟମ ରୂପେ ପରିଗଣିତ । ବୁଦ୍ଧି ଆଉ ବିଦ୍ୟା ଦ୍ୱାରା ପରିଚ୍ଛଳିତ ହେଉନାହିଁ; ଦୁର୍ଗତି ପାଇଁ ବିଦ୍ୟାର ଉପଯୋଗ କରାଯାଉଛି । ଚେତନା ଏଠି ଆତ୍ମଗତ ନୁହେଁ; ଅଚେତନଶୀଳତାର ନିର୍ମମ ପ୍ରହାରରେ ମାନବାତ୍ମା ଏଠି ସଙ୍କୁଚିତ । କେବଳ ଅର୍ଥ ଉପାର୍ଜନର ବିକ୍ରାନ୍ତ ପଟୁଆରର ବିସ୍ମୟ ହିଲ୍ଲୋଳରେ ସମାଜ-ଜୀବନ ଆଜି ବିକ୍ଷୁବ୍‌ଧ । କାମନା ଏଠି ପ୍ଳୁତ; ଆଉ ଭାବନା ଶ୍ଳଥ । ହିତ କର୍ମରେ ଆମେ ବଧିର, ହୀନକର୍ମରେ ମୁଖର । ମଣିଷର ଏପରି ଅବସ୍ଥା ଦେଖି ରାଧାନାଥ କହିଲେ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



"ମନୁଷ୍ୟ ପୂଜାରେ ଯେତେ କାଳ ଯାଏ,
ଆତ୍ମତତ୍ତ୍ୱେ ଯେବେ ସେହିଥିରୁ ପାଏ
ସାର ସାର ବୁଝି ଦେଉଥାନ୍ତେ ଲୋକେ,
ଓହ୍ଲାଇ ଆସନ୍ତା ସ୍ୱର୍ଗ ମର୍ତ୍ତ୍ୟ-ଲୋକେ ।

ଆର୍ଜବ, ତିତିକ୍ଷା, ସାଧୁତା ଭଳି ମାନବିକ ଗୁଣ ଗୁଡ଼ିକର ଅପସୃୟମାଣତା ସାମାଜିକ ନିରପେକ୍ଷତାରେ ଭ୍ରମ ସୃଷ୍ଟି କରୁଛି । ବିଦ୍ୟାଳୟରେ ଛାତ୍ରଟିଏ ଯେଉଁ ମାନବିକ ସଦ୍‌ଗୁଣ ଓ ସାଂସ୍କୃତିକ ମୂଲ୍ୟବୋଧର କଥା ଅଧ୍ୟୟନ କରୁଛି, ସମାଜରେ ତା'ର ବିପରୀତ ଭାବ ଲକ୍ଷ୍ୟ କରି ସମାଜ ଓ ସଂସ୍କୃତି ପ୍ରତି ସନ୍ଦିହାନ ହୋଇ ଉଠୁଛି । ପରା ବିଦ୍ୟା ପ୍ରତି ତା'ର ସମ୍ମାନବୋଧ ରହୁନାହିଁ । ତା'ର ସ୍ୱଂସୀ-ଭାବନାକୁ କରାୟତ କରିବାର ଉପାୟ କ'ଣ ? ତା'ର ସୌଗତ-ଚେତନାକୁ ଆସ୍ତିକତାର ବୀଜ ମନ୍ତ୍ରରେ ଅଭି ମନ୍ତ୍ରିତ କରିବ କିଏ ? କେବଳ ମୈତ୍ରେୟୀ ଭାବହିଁ ଏହି ଆତ୍ମଘାତରୁ ରକ୍ଷା କରିବାର ଏକ ସାତ୍ତ୍ୱିକ-ସାଞ୍ଜୁ ହୋଇପାରେ ।

ଏହି ଭାବରେ ଏକ ପବିତ୍ର ଆଶୟ, ଆମ ଅନୁଷ୍ଠାନର ମୁଖପତ୍ର 'ଜିଜ୍ଞାସା', ସୃଷ୍ଟି-ସଂକଳ୍ପର ନବ ବିଦ୍ରୁମରେ ବିଭୂଷିତ ହୋଇ ତା'ର ଉଷ୍ଣ-କୋମଳ ସ୍ପର୍ଶରେ ମାନବୀୟ ବୃତ୍ତିର ପ୍ରୋକ୍ଷଣରେ ସହାୟକ ହେବାର ଅଭୀପ୍‌ସା ପୋଷଣ କରୁଛି ।

ଏହି ଅବସରରେ ଆମ ସାରସ୍ୱତ-ପରିବାରର ସମସ୍ତ ସଦସ୍ୟମାନଙ୍କୁ ସେମାନଙ୍କର ସଶ୍ରଦ୍ଧ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରୁଅଛୁ ।

ସଂପାଦକ ମଣ୍ଡଳୀ

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ସୂଚୀପତ୍ର


| କ୍ର.ସଂ | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | ମା | ସ୍ମୃତିରେଖା ନନ୍ଦ | ୦୧ |
| ୨. | ଏମିତି ଏ ଜୀବନ | ଦେବସ୍ମିତା ମଲ୍ଲିକ | ୦୧ |
| ୩. | ଖୁସିରେ ଜୀଅନ୍ତୁ ସର୍ବେ | ଉଷାଦେବ ଦର୍ଶିନୀ ନାଥ | ୦୨ |
| ୪. | ଅଫେରା ସାଥୀ | ଅପର୍ଣ୍ଣା ଦାଶ | ୦୩ |
| ୫. | ଆଉ ଏକ ଉଦ୍ୟମରତା | ଯାଜ୍ଞସେନୀ | ୦୪ |
| ୬. | ବାରମାସେ ତେର ପର୍ବ | ଆରାଧନା ଦାଶ | ୦୫ |
| ୭. | ମୃତ୍ୟୁ | ରାଜନନ୍ଦିନୀ ଦାଶ | ୦୫ |
| ୮. | ନାରୀ | ସୁମନ ଦୁବେ | ୦୬ |
| ୯. | ମୋ ମନ | ଆକାଂକ୍ଷା ଅଭିଲିପ୍ସା ଦାସ | ୦୭ |
| ୧୦. | ଜନ୍ମଦାତ୍ରୀ | ଲିପ୍ସା ରାଉତ | ୦୮ |
| ୧୧. | ସଂସ୍କୃତ ଭାଷା | ଜ୍ୟୋତି ପଟ୍ଟନାୟକ | ୦୮ |
| ୧୨. | ବନ୍ଧୁ | ଗାୟତ୍ରୀ ମହାନ୍ତି | ୦୯ |
| ୧୩. | ସେହି ଆମର ମାଆ | କାଳନ୍ଦୀ ଦାଶ | ୧୦ |
| ୧୪. | ଜାଗ୍ରତ ହୁଅ ଭାରତବାସୀ | ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢ଼ୀ | ୧୦ |
| ୧୫. | ଶ୍ରାବଣର ଚିଠି | ରାହୁଲ ବିଟି | ୧୧ |
| ୧୬. | ମୋ ମାଆ | ସଂଜୀବନୀ ସ୍ୱାଇଁ | ୧୧ |
| ୧୭. | ନାରୀ | ଜ୍ୟୋସ୍ନାରାଣୀ ବଳ | ୧୨ |
| ୧୮. | ମୋ ମାଆ | ପ୍ରମିଳ ଶତପଥି | ୧୨ |
| ୧୯. | ମନର ଭାବନା | ସବିନୟ ରାଉତ | ୧୩ |
| ୨୦. | ମାତୃଭୂମି ରାଉତ | ଭାରତୀ ମହାରଣା | ୧୪ |

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping




| କ୍ର.ସଂ | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୨୧. | ମା | ମାନସୀ ଧଳ | ୧୫ |
| ୨୨. | ମୋ ଓଡ଼ିଶା | ରଶ୍ମିରେଖା ପୃଷ୍ଟି | ୧୬ |
| ୨୩. | ଅଭୁଲା ତା'ର ଛବି | କବିତା ଦାସ | ୧୬ |
| ୨୪. | ନାରୀ | ଜିତେନ୍ଦ୍ରିତା ସାମଲ | ୧୭ |
| ୨୫. | ଭୃଣ ହତ୍ୟା | ସସ୍ମିତା ସେନାପତି | ୧୭ |
| ୨୬. | ଏଇ ମାଟି ଆମ ମାଆ | ସୁବ୍ରତ ଧଳ | ୧୮ |
| ୨୭. | ଆମେ ଏ ଯୁଗର ନାରୀ | ଦେବସ୍ମିତା ମଲ୍ଲିକ | ୧୮ |
| ୨୮. | ମାଆ | ସୁଚିସ୍ମିତା ସାହୁ | ୧୯ |
| ୨୯. | ବର୍ଷା | କେଶରୀ ପ୍ରସାଦ ମହାନ୍ତି | ୧୯ |
| ୩୦. | ଗାଁ ଟା ସହର ହୋଇଛି | ଜ୍ୟୋସ୍ନାରାଣୀ ବଳ | ୨୦ |
| ୩୧. | ମନ | ସୁକନ୍ୟା ରାଉତ | ୨୦ |
| ୩୨. | ରାତିର ଭୟ | ଲିପ୍ସାରାଣୀ ନାୟକ | ୨୧ |
| ୩୩. | ଏ ଯୋଜନା ସବୁ କାହା ପାଇଁ | ପ୍ରଦୀପ ରାଉତ | ୨୨ |
| ୩୪. | ସ୍ନେହମୟୀ ମା' | ମୃଣାଳିନୀ ମହାନ୍ତି | ୨୩ |
| ୩୫. | ମାଆଙ୍କ ଅଫିସ୍ | ଇପ୍ସିତା ସାହୁ | ୨୩ |
| ୩୬. | ଆମେ ଏ ଦେଶର କୁନି ଫୌଜ | ମାନସୀ ମଲ୍ଲିକ | ୨୪ |
| ୩୭. | ତୁ ଭିଜିବା ବନ୍ଦ କର | ସୁଦର୍ଶନ ସାହୁ | ୨୪ |
| ୩୮. | ମୁକ୍ତିର ଅପେକ୍ଷାରେ | ଦିପ୍ତୀରଂଜନ ପାଢ଼ୀ | ୨୫ |
| ୩୯. | ମାଆ | ସ୍ୱର୍ଣ୍ଣପ୍ରଭା ମିଶ୍ର | ୨୭ |
| ୪୦. | ବିଶ୍ୱାମିତ୍ର | ଶୋଭନ ଦୁବେ | ୨୮ |
| ୪୧. | ଜୀବନ | ପ୍ରତାପ ବେହେରା | ୨୯ |
| ୪୨. | ମୋ ଯାଜପୁର | ପ୍ରତାପ ବେହେରା | ୨୯ |
| ୪୩. | ମା'ର ସ୍ନେହ | ଅନୁପମା ସାହୁ | ୩୦ |

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping




| କ୍ର.ସଂ | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୪୪. | କ୍ଷୁଦ୍ର | ରୂପାଲୀ ଦାସ | ୩୦ |
| ୪୫. | ବିଷାକ୍ତ ରାଜନୀତି | ପ୍ରଦୀପ ରାଉତ | ୩୧ |
| ୪୬. | ଜୀବନ ସାଥୀ | ଅପର୍ଣ୍ଣା ଦାଶ | ୩୨ |
| ୪୭. | ବିଶ୍ୱାସ | ଶୁଭଶ୍ରୀ ରାଉତ | ୩୨ |
| ୪୮. | ବାସ୍ତବ ଜୀବନ | ଅପର୍ଣ୍ଣା ଦାଶ | ୩୩ |
| ୪୯. | ବର୍ଷା | ରଜନୀ ପଣ୍ଡା | ୩୩ |
| ୫୦. | ମାନସିକ ଅଶାନ୍ତିର କାରଣ ଓ ଏହାର ନିରାକରଣ | ଲିପ୍‌ସାରାଣୀ ନାୟକ | ୩୪ |
| ୫୧. | ବାପା | ବିଭୁଦତ୍ତ ନାୟକ | ୩୬ |
| ୫୨. | ନାଗରିକତା ସଂଶୋଧନ ଆଇନ: ୨୦୧୯ | ସୂର୍ଯ୍ୟପ୍ରକାଶ ପାଢୀ | ୩୮ |
| ୫୩. | ବିରଜା କ୍ଷେତ୍ର ଯାଜପୁର | ଭାଗ୍ୟଲିପି ପଣ୍ଡା | ୩୯ |
| ୫୪. | ବାପା | ସଂଗ୍ରାମ କୁମାର ଯେନା | ୪୧ |
| ୫୫. | ଅନୁଭୂତି | ମଧୁସ୍ମିତା ତ୍ରିପାଠୀ | ୪୩ |
| ୫୬. | ବନ୍ଧୁତା | ଅରୁନ୍ଧତି ସାହୁ | ୪୪ |
| ୫୭. | ବର୍ତ୍ତମାନର ନିର୍ଯ୍ୟାତିତ ଓ ପ୍ରଦୂଷିତ ସେହି ଭାରତ ମା' ମୁଖରୁ ପଦେ | ରାନୀ ପଣ୍ଡା | ୪୫ |
| ୫୮. | ଭଙ୍ଗା କୁଡ଼ିଆର ଅତିଥି | ରଂଜିତା ସାହୁ | ୪୮ |
| ୫୯. | କଳିଯୁଗର ମଣିଷ | ସୋମାଲିନ୍ ନାୟକ | ୪୯ |
| ୬୦. | ଯେ ପାଞ୍ଚେ ପରମନ୍ଦ | ସୁପ୍ରଭା ପୃଷ୍ଟି | ୫୦ |
| ୬୧. | ସିଦ୍ଧି ପଥର ପ୍ରତିବନ୍ଧକ | ଦୀପକ କୁମାର ବେଜ୍ | ୫୨ |
| ୬୨. | ସଫଳତାର ଚାବି | ଅନିଶା ପ୍ରିୟଦର୍ଶନୀ ଦାସ | ୫୩ |
| ୬୩. | କୃଷ୍ଣଚୂଡ଼ା | ଲିପ୍‌ସାରାଣୀ ନାୟକ | ୫୬ |

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ENGLISH SECTION


| | | | |
|---|---|---|---|
| 1. | She was my Sweet Lover | Pratap Ku. Behera | 59 |
| 2. | Examination | Ipsita Sahoo | 59 |
| 3. | Beauty | Madhusmita Das | 60 |
| 4. | The Study of Life | S. Sangita Das | 61 |
| 5. | A Special Place | Sasmita Deo | 61 |
| 6. | Value of Teacher | Ranjita Sahoo | 62 |
| 7. | College Days | Madhusmita Das | 62 |
| 8. | Study | Deepa Jena | 63 |
| 9. | Father & Mother | Deepak Behera | 63 |
| 10. | My College | Subhashree Rout | 64 |
| 11. | Poem Written on the back of Leaf | Sukanya Rout | 64 |
| 12. | What is Friendship | Abhipsa Sahoo | 65 |
| 13. | My Gaiety Family | Subhashree Subhasmita Nayak | 65 |
| 14. | To my best Friend | Sampurna Das | 66 |
| 15. | My Mother | Jitendra Kumar Nayak | 66 |
| 16. | Life | Prachi Biswal | 67 |
| 17. | Friends | Rashmi Rekha Prusty | 69 |
| 18. | Life without Love | Debasmita Rout | 69 |
| 19. | My Father is my Life | Bibekananda Gahan | 70 |

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping




| | | | |
|---|---|---|---|
| 20. | Flower | Ahalya Dutta | 71 |
| 21. | Meaning less | Anusaya Sahoo | 71 |
| 22. | Life without love | Shyamsundar Behera | 72 |
| 23. | When I think about my mother | Rubina Sahoo | 72 |
| 24. | What is life | Sonali Behera | 73 |
| 25. | Life for me | Jasoda Rout | 73 |
| 26. | My Family | Sampurna Das | 74 |
| 27. | Mother | Arundhati Sahoo | 74 |
| 28. | Mother | Manoj Parida | 75 |
| 29. | I Can't forget you | Deeptimayee Jena | 75 |
| 30. | Love | Smrutirekha Nanda | 76 |
| 31. | Foolish fellows | Biswajit Das | 77 |
| 32. | My Mother | Dharitri Mallick | 78 |
| 33. | An intent for a change | Baikuntha Prasad | 79 |
| 34. | Green Revolution | Rajanandini Dash | 81 |
| 35. | Important of Adhar Card | Subhashree Sahoo | 83 |


***

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ମା'

ସ୍ମୃତିରେଖା ନନ୍ଦ
+୩ ତୃତୀୟ ବର୍ଷ (ବିଜ୍ଞାନ)

"ଜନମ ଦେଇଛୁ ତୁହି ପରା ମତେ
ନଅ ମାସ ଧରି ଗର୍ଭେ ତୋର,
ଦୁଃଖ କଷ୍ଟ ସହି ପାଳିଛୁ ତୁ ମତେ
ସୁଜି କି ପାରିବି ଋଣ ତୋ ? ....
ଟିକି ଓଠେ ମୋର ଶବ୍ଦ ଭରିଦେଲୁ
ଡାକି ଶିଖିଲି ମୁଁ ମା' ତତେ,
ଆଙ୍ଗୁଳି ଧରି ତୁ ଚାଲି ଶିଖେଇଲୁ
ଚାଲିଲି ମୁଁ ମୋର ଟିକି ପାଦେ ।....
ଝୁଣ୍ଟିଲେ ମୁଁ ଟିକେ ତୋ ଦୁଇ ଆଖିରୁ
ଝରିଯାଏ ଲୁହ ଧାର ଧାର
ଲୁହ ତୁ ଦେଖିଲେ ମୋ ଆଖିରେ ଟିକେ
ଝରିଯାଏ ହୃଦୁ ଲୁହ ତୋର ।....
ଟିକି ପାଦେ ମୋର କେତେ ପଦାଘାତ
ସହିଚୁ ତୁ ସର୍ବଂସହା ହୋଇ
ଦୁନିଆରେ କେହି ହୋଇକି ପାରିବେ
ମା'ମୋର ତୋ ତୁଲ ହୋଇ ।....
କେତେ ଦୁଃଖ କଷ୍ଟ ସହିଛୁ ମୋ ପାଇଁ
କେତେ ରାତି ତୋର ଯାଇଛି ଯେ ପାହି
ବସି ରହି ଶେଯ ପାଶେ ମୋର,
କାହିଁକି ମା' ଏତେ ଦୁଃଖ ତୁ ସହୁଛୁ
ସୁଜି ପାରିବି କି ଋଣ ତୋର ?" ....

-୦-

# ଏମିତି ଏ ଜୀବନ

ଦେବସ୍ମିତା ମଲ୍ଲିକ
+୨ ଦ୍ୱିତୀୟ ବର୍ଷ (କଳା)

ଜୀବନରେ କେବେ ଦୁଃଖ ଆସେ ତ
କେବେ ଆସେ ହସ ଖୁସି ।
ଅନ୍ଧକାର ନେଇ ଦୁଃଖ ଆସେ ତ
ଆଲୋକ ଆଣେ ଖୁସି ।
ମୁହୂର୍ତ୍ତକ ପାଇଁ ଖୁସି ଆସିଥାଏ
ଚାଲିଯାଏ କାହିଁ ପାଇଁ
ଖୋଜିବି କେଉଁଠି ଯାଏ ସେ ଯେ ହଜି
ଆଉ ପାଏ ନାହିଁ ତାକୁ ଖୋଜି ।
ତଥାପି ବୁଝାଏ ଅବୁଝା ମନକୁ
ଫେରି ଆସିବ ସେ ପୁଣି ।
କାହିଁ ଏ ଜୀବନ ଚଲାପଥ
ଥାଏ କଣ୍ଟକମୟ ରାସ୍ତା ।
କଣ୍ଟା ଥରେ ଏ ପାଦେ ନ ଫୁଟିଲେ କେବେ
ଯାଏ ନାହିଁ ସେ ରାସ୍ତା ।
ଏ ପଥକୁ ଯିଏ ଅତିକ୍ରମ କରେ
ଜୀବନେ ହୁଏ ସେ ବିଜୟୀ ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଖୁସିରେ ଜୀଅନ୍ତୁ ସର୍ବେ

ଉଷା ଦେବ ଦର୍ଶିନୀ ନାଥ
+୩ ତୃତୀୟ ବର୍ଷ (ବିଜ୍ଞାନ)

ରାଜକୁମାରୀ ମୁଁ ନୁହଁଇ କୁମର
ନୁହେଁ ମୁଁ ରାଜହଂସିନୀ
କନ୍ୟା ସନ୍ତାନଟେ ପିତାମାତାଙ୍କର
ମର୍ଯ୍ୟାଦା ଅଧିକାରିଣୀ ।
ସ୍ୱତଃପ୍ରବୃତ୍ତା ମୁଁ ସ୍ୱତଃନିୟନ୍ତ୍ରିତା
ସ୍ୱତଃ ଭ୍ରମାବୃତା ହୁଏ
ସ୍ୱତଃ କପଟିନୀ ସ୍ୱତଃ କୁହୁକିନୀ
ମନେ ଉନ୍ମତ୍ତା ବୋଲାଉ ଥାଏ ।
ଭାବନାର ଶର ଭେଦ କରି ଶିର
ଗର୍ଭଟିର ସୃଷ୍ଟି କଲା
ସେଇ ଶର ଅଟେ ଅନ୍ୟର ସଂପତ୍ତି
ସ୍ମୃତି ବୋଲି ବୋଲାଇଲା ।
ହେଇଥାଆନ୍ତି କି ହୃଦୟହୀନାଟେ
କପଟ ଭାବରେ ବନ୍ଧା
ପ୍ରଶଂସା ଛଳରେ ଲୁଚାଇ ଲୁଚାଇ
କରନ୍ତି ଅପର ନିନ୍ଦା ।
ଈର୍ଷା, ଜ୍ୱାଳା, କୋହ, ଭ୍ରମ, ମାୟା, ଲୁହ
ଆବୋରି ବସେ ହୃଦୟ

ମନ ଉପବନ ଭ୍ରମରୀ ରଚୟଇ
କରେ ସନ୍ଦେହ ସଂଚୟ ।
ତଥାପି ଭରସା ଭସା ମେଘତୁଲ
ମୁଣ୍ଡ ଉପରେ ଭାସଇ
ବର୍ଷିଯାଏ ପୁଣି ବିଜୁଳି ସମେତ
ପ୍ରାଣକୁ ଓଦା କରଇ ।
କିଏ ଜାଣେ ଏଇ ଦଇବ କରିବ
ଫଗୁଣ ଆସିବ ଫେରି
ଖୁସିର ରଙ୍ଗରେ ଭିଜିଯିବ ଦେହ
ବାଜିବ ସୁଖର ଭେରୀ ।
କୁହୁଳା ନିଆଁଟା ଦବିଯିବ ବୁକେ
କା'ର ହାତସ୍ପର୍ଶ ପାଇ
ସପନ ଆଳରେ ହଜିଯିବ ଦୁଃଖ
ସୁଖ ଚାଦର ଘୋଡ଼େଇ ।
ଯାଇଥିବା ଦୁଃଖ ସମାଧିସ୍ଥ ହେଉ
ଅତଳ ସାଗର ଗର୍ଭେ
ନରହୁ ଅରାଜକତାର ବିସ୍ମୃତି
ଖୁସିରେ ଜୀଅନ୍ତୁ ସର୍ବେ ।

-୦-

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଅଫେରା ସାଥୀ

ଅପର୍ଣ୍ଣା ଦାଶ
+୩ ତୃତୀୟ ବର୍ଷ (କଳା)

କାହିଁକି ଆସିଲ ମୋ ଜୀବନେ ତମେ
ଆଶାର ଆଲୋକ ହୋଇ
ସେହି ଆଲୋକ ଆଜି ଲିଭି ଲିଭିଯାଏ
ସହିତ ପାରୁନି ମୁହିଁ ॥
କାହିଁକି ଆସିଲ ମୋ ଜୀବନେ ତମେ
ସାତରଙ୍ଗର ସୁନେଲି ଅଭିର ନେଇ
ଆଜି ସେ ସପତରଙ୍ଗ ପୋଛି ହୋଇଯାଏ
ପାରୁନି ଏ ମନକୁ ମୁଁ ବୁଝାଇ ।
ଆସିଥିଲ ଯେବେ ତୁମେ ମୋ ଜୀବନେ
ନେଇ କେତେ ନୂଆ ନୂଆ ଆଶା
ଶୟନେ ସପନେ ସେ ଆଶାକୁ ନେଇ
ମନ ଚଢେଇବା ବାନ୍ଧିକି ଥିଲା ଗୋଟେ ବସା ॥
ସେ ବସାଟା ଆଜି ଭାଙ୍ଗିକିଗଲା । ମଉଳି ଗଲାକି
ଆଶା
ମନୁ ଆଶା ଆଜି ହୋଇଛି ନିରାଶା ଆଉ
ପାଉନାହିଁ ଭରସା ॥
ମୋ ଜୀବନେ ସାଥୀ ଆସିଲ ଏମିତି
ଜାଳିଦେଇ ଗଲ ମନ ।
ବାନ୍ଦେ ଏଇ ଆଖି ଝୁରେ ଏଇ ଆତମା
ସବୁକିଛି ଲାଗେ ଶୂନ ଶୂନ ॥
ଆସିବନି ଫେରି ଆଉ ମୋ ଜୀବନେ
ଏତିକି ମିନତି ତୁମକୁ ସାଥୀ ॥
ଜୀବନର ଏହି ଅମଙ୍ଗ ମୋଡ଼ରେ
ପରାଣ ଯାଉ ମୋ ବିତି ॥

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଆଉ ଏକ ଉଦ୍ୟମରତା ଯାଜ୍ଞସେନୀ

ବର୍ଷା ପରିଡ଼ା
+୩ ଦ୍ୱିତୀୟ ବର୍ଷ (କଳା)

"ବାପା"
ଆଜି ହୁଏତ ବିଜ୍ଞାନ ଯୁଗରେ
ଆଉ କେହି ଲେଖିନଥିବେ
"ଚିଠି"
ତାଙ୍କର ପ୍ରିୟଜନ ପାଖକୁ
ଆଉ ସେ ଆବେଗକୁ ସଜାଡୁ ନଥିବେ ମନରେ
କି ଅବ୍ୟକ୍ତ ବକ୍ତବ୍ୟ ଗୁଡ଼ିକୁ ସାଉଁଟୁ ନଥିବେ କଲମରେ
ଏବଂ ଭିଜଉ ନଥିବେ ଆଖିର ଲୁହରେ
"ଚିଠି"କୁ
ମୁଁ କିନ୍ତୁ ତୁମ ଆଧୁନିକା ଝିଅ
ଆଜି ଚିଠି ଲେଖିବି ତୁମ ପାଖକୁ
ହୁଏତ ଏଇଟା ମୋର ଶେଷ ଚିଠି ହେଇପାରେ
ହୁଏତ ମୁଁ ଆଉ ଉଡ଼ିନପାରେ ।
ହୁଏତ ମୁଁ ହାରି ଯାଇପାରେ ।
ସେଥିପାଇଁ ମୁଁ ମୋର ସମସ୍ତ ଆବେଗ ଲେଖୁଛି
ହାରିଯିବା ଆଗରୁ
ଶବ୍ଦ ସବୁକୁ କ୍ରମରେ ସଜ୍ଜିତ କରୁଛି
ସେସବୁ ନିଷ୍ପ୍ରଭ ହେବା ଆଗରୁ
"ବାପା"
ମୋର ଆଗମନ ତମକୁ ସୁଖୀ କରିଥିଲା ବୋଧେ
ସେଥିପାଇଁ ବହୁତ ଆଗକୁ ଆଣିଚ
ସବୁକଷ୍ଟ ନିଜେ ସହି
କାହାକୁ କିଛି ନ କହି
କିନ୍ତୁ ଦେଖ ତା'ର ପରିଣତି
ଠିକ୍ ଆକାଶ ଛୁଇଁବା ଆଗରୁ
ମୋର ଡେଣା ଛିଡ଼ିଯାଇଛି ।
ଆଉ ମୋ ଉପରୁ ତୁମର ବିଶ୍ୱାସ ଉଠିଯାଇଛି ।
ମୁଁ କିନ୍ତୁ ହାରିନି ବାପା
କିନ୍ତୁ ହାରିବିନି
ତୁମେ ଜାଣ ମୁଁ ହାରିବା ଶିଖିନି ।
ମୁଁ ଭାଙ୍ଗିଛି ସତ ବାପା
କିନ୍ତୁ ମାଟିରେ ମିଶିଯିବା ପାଇଁ ନୁହେଁ ।
ପୁଣି ଥରେ ନୂଆ କରି ଗଢିହେବାର
ଏହା ମୋର ଆଉ ଏକ ଅୟଂଆରମ୍ଭ ।
ମୁଁ ତ ଯାଜ୍ଞସେନୀ ନୁହେଁ ଯେ
ଏକ ସଂକଳ୍ପ ପାଇଁ ଆଗ୍ନିରୁ ଆବିର୍ଭୁତ ହେବି ।
କିନ୍ତୁ ହୃଦୟ ସେ ଅନଳରେ ମୋର ଆଜିବି ପୂର୍ଣ୍ଣ
ଆଉ ଏକ ଯାଜ୍ଞସେନୀ ଆଜିବି ଉଦ୍ୟମରତା
ଆଉଥରେ ଆବିର୍ଭୁତ ହେବା ପାଇଁ ।
ମୁଁ ସଂପୂର୍ଣ୍ଣ ନୁହେଁ
ସ୍ୱୟଂ ସପୂର୍ଣ୍ଣା ହେବାକୁ ଚହେଁ ।
ବାସୁ ପୂର୍ଣ୍ଣିମା ପାଇଁ ତୁମ ହାତର
ପୂର୍ଣ୍ଣଦ୍ୟୁତିର ଅପେକ୍ଷାରେ ରହିଲି ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ବାରମାସେ ତେର ପର୍ବ

ଆରାଧନା ଦାଶ
+୩ ଦ୍ୱିତୀୟ ବର୍ଷ (କଳା)

ଓଡ଼ିଆ ବୋଲି ମତେ ଲାଗେ ଭାରି ଗର୍ବ
ବାରମାସେ ପଡ଼ଇ ଯେ ତେର ପରବ ।
ବୈଶାଖ ଚନ୍ଦନ ଯାତ୍ରା ନୃସିଂହ ଜନମ
ଜ୍ୟେଷ୍ଠ ପଡ଼ଇ ଯେ ରଜପର୍ବ ଦେବସ୍ନାନ
ଆଷାଢ଼ରେ ଶ୍ରୀଗୁଣ୍ଡିଚା ବାହୁଡ଼ା ଯାତ୍ରା
ଶ୍ରାବଣରେ ପଡ଼େ ଗହ୍ମା ପୂର୍ଣ୍ଣିମା ଝୁଲଣ ଯାତ୍ରା ।
ଭାଦ୍ରବେ ଖୁଦୁରୁକୁଣୀ ଓଷା ଯେ ଗଣେଶ ପୂଜା
ଆଶ୍ୱିନରେ ପଡ଼ଇ ଯେ ଦଶହରା ବିଶ୍ୱକର୍ମା ପୂଜା
କାର୍ତ୍ତିକରେ ଦୀପାବଳୀ ରାହାସ ପୂର୍ଣ୍ଣିମା
ମାର୍ଗଶୀର ପଡ଼ଇ ଯେ ମାତାବସା ପଣ୍ଡୁ ପୂର୍ଣ୍ଣିମା ।
ପୌଷରେ ବାଟଓଷା ଶାମ୍ବଦଶମୀ
ମାଘରେ ସରସ୍ୱତୀ ପୂଜା ମାଘସପ୍ତମୀ
ଫାଲ୍‌ଗୁନେ ଶିବରାତ୍ରି ଦୋଳପୂର୍ଣ୍ଣିମା
ଚୈତ୍ରେ ପଡ଼ଇ ଯେ ହୋଲି ଚୈତ୍ର ପୂର୍ଣ୍ଣିମା ॥

-୦-

# ମୃତ୍ୟୁ

ରାଜନନ୍ଦିନୀ ଦାଶ
+୩ ପ୍ରଥମ ବର୍ଷ (କଳା)

ମୃତ୍ୟୁ ତୁମେ ଚିରନ୍ତନ
ଜୀବନର ଶେଷତମ ହୃତ୍‌ପିଣ୍ଡ ସ୍ପନ୍ଦନ
ଶେଷ ହୋଇଯିବ ଜୀବନ ନାଟିକା
ତା' ସହ ସବୁ ସପ୍ତରଙ୍ଗ ସପନ
ହସଖେଳ ଦୁଃଖସୁଖ
ସବୁସେତ ହୋଇଯାଏ ଅସାର
ଫିଟିଯାଏ ସବୁ ବନ୍ଧନର
ଅସଜଡ଼ା ମମତା ଆଉ ଲୁହର
ତନ୍ତ୍ର ଯନ୍ତ୍ର ପୁଣି ସତ
ଅଙ୍ଗପ୍ରତ୍ୟଙ୍ଗ ଯାହା ଆମର ଅତି ଆପଣାର
ଅସଜଡ଼ା ଦେହସୁଦ୍ଧା ହୁଏ
କୋକେଇର ଫୁଲ ସେଜରେ
ପର ପରେ ଚାଲୁଛନ୍ତି ଜ୍ଞାତି କୁଟୁମ୍ବ ଓ ସୋଦରେ
ମୃତ୍ୟୁ ସିନା ଚାଲିଯାଏ
ଛାଡ଼ିଯାଏ କୀର୍ତ୍ତି ଅଜଣା ଖାତାରେ

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ନାରୀ

ସୁମନ ଦୁବେ
+୩ ପ୍ରଥମ ବର୍ଷ

ପ୍ରଣୟର ଫାଶ ଦୁର୍ଗତିର ନାଶ ସାଜିଅଛି ଆଜି ନାରୀ
ନୁହେଁ ସେ ଅବଳା ନୁହେଁ ସେ ଦୁର୍ବଳା ବନ୍ଦୀ ଘରେ ନୁହେଁ ଶାରୀ ॥
ହୃଦୟ ତା'ର ନିର୍ମମ ସୁନ୍ଦର ପଥ ପ୍ରାନ୍ତ ମରୁଭୂମି
ଆଜି ସେ ହୋଇ ସକଳ ଶକ୍ତିର ବିପଦର ଅନୁଗାମୀ
ଶିକ୍ଷା ଦୀକ୍ଷା ପରେ ସେହି ନାରୀ ଆଜି ସେ ପରିପୂର୍ଣ୍ଣ
ଲିଖନୀ ମୂନରେ ଶବ୍ଦର ସଂଜ୍ଞା ନ କରି ପାରଇ ବର୍ଣ୍ଣନା
ସଭ୍ୟତା ଆଜି ନାରୀ ସପକ୍ଷରେ ନାରୀ ଜଗତର ସାହା
ଜୀବନ ଦୁଃଖର ଅସୁମାରି ପରେ ଆଜି ସିଏ ସର୍ବଂସହା
ସମାଜର ଶତ ଶୃଙ୍ଖଳ ଜାଲେ ଛନ୍ଦି ଆପଣା ଛାଏଁ
ଆଲୋକ ପଥ ରୁଦ୍ଧ କରୁରେ ଯୁଗ ଯୁଗାନ୍ତ ପାଏ ।
ପୁଷ୍ପିତ ରୋଷେ ବଞ୍ଚିତ ଆମେ ଦୀପ୍ତ ଚେତନା ବହି
ନ ବୁଲିବୁ ଆଉ ବିଭିନ୍ନାଦି ବେଶେ ଦୁଃଖ ବେଦନା ସହି ॥
ନାନା ଛନ୍ଦୋବନ୍ଧେ ନାରୀର ବେଦନା ଇତିହାସ କରେ ରଚନା
ମନରେ ତା'ର ଅସୁମାରି ସ୍ନେହ ଜଗତ କରେ ତା' ବନ୍ଦନା
ଜୀବନ ଧରି ହେ ଢ଼ାଳିଲୁ ହେ ନାରୀ ରକ୍ତର ସଉଧମାଳା
ଆମରି ଲାଗିରେ ଶାସନ ଶକ୍ତ ଆମେହିଁ ଜୀବନ ଜ୍ୱାଳା
ଶକ୍ତିଶାଳୀର କରାଳ କବଳ ନେଲାରେ ସକଳ ଗ୍ରାସି
ମୂକ ପାଷାଣର ପରାଣ ବହିରେ ନାରୀ ଯାଇଅଛି ଫସି ॥

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ମୋ ମନ

ଆକାଂକ୍ଷା ଅଭିଲିପ୍ସା ଦାସ
ଦ୍ୱିତୀୟ ବର୍ଷ

ଚୁଲବୁଲି ଝିଅଟେ ମୁଁ ଚୁଲବୁଲି ଝିଅଟେ
ମନ ମୋର ପ୍ରଜାପତି ଘୁରିବୁଲେ ଏଠି ସେଠି
କେତେ ଆଶା ଓ ଆକାଂକ୍ଷା ଉଙ୍କିମାରେ
ମୋର ଏହି ଛୋଟିଆ ମନ ମନ୍ଦିରରେ ॥
ସବୁବେଳେ ଚାହୁଁଥାଏ କରିବାକୁ ଆୟତ୍ତ
ଏହି ମୋର ଛୋଟିଆ କୋମଳ ମନକୁ
କିନ୍ତୁ କାହିଁକି କେଜାଣେ କରିପାରେ ନାହିଁ
ମୁଁ ମୋ ମନକୁ ଆୟତ୍ତ
ମୁଁ ଜାଣିପାରେ ନାହିଁ ମୁଁ ଜାଣିପାରେନାହିଁ
ମୋର ଏହି ଅବୁଝାମନର ରୂପ ଅନେକ
କେତେବେଳେ ଏହିମନ ମୋର ପ୍ରେମମୟ
ହୋଇ ଛୋଟ ବାଇଚଢେଇ ପରି ପୃଥିବୀକୁ
ପରିଭ୍ରମଣ କରେ ତ ପୁଣି କେତେବେଳେ
ହତାସ ହୃଦୟର ପ୍ରେମିକା ଭଳି ନିସ୍ତବ୍ଧ ହୋଇଯାଏ
।

ଆଉ କେତେବେଳେ ଏହି ମାନ ମୋର
ଫେରିଯାଏ ଅତିତକୁ ସେହି ଅତୀତକୁ
ଯାହାକୁ ମୁଁ ଅନେକ ଦୂରରେ ହଜାଇ ଆସିଛି
ଯାହାର ସତ୍ତା ଖୋଜିଲେ ବି ମିଳିବନି ।
ଯେତେ ଚାହିଁଲେବି ମୁଁ ମୋ ମନକୁ ବୁଝାଇ ପାରେନା
ଅତୀତର ସେହି ସ୍ମୃତିମାନ ସବୁ
ସୂର୍ଯ୍ୟଙ୍କର ସକାଳର କିରଣ ଭଳି
ମୋ ମନ ମନ୍ଦିରରେ ପ୍ରସ୍ଫୁଟିତ ହୋଇପଡ଼େ
କାହାକୁ ବା ଦୋଷ ଦେବି
ମୁଁ ଜାଣିଛି ସବୁ ଦୋଷ ହେଉଛି ମୋର
ଆଉ ଏ ସମୟର ଯେକି ମୋର ଅତୀତର
ସବୁ ସୁଖକୁ ଛଡ଼ାଇ ନେଇଛି ମୋଠାରୁ ।

- ୦ -



Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଜନ୍ମ ଦାତ୍ରୀ

ଲିପ୍‌ସା ରାଉତ
+୩ ତୃତୀୟ ବର୍ଷ (କଳା)

ଦଶ ମାସ ଦଶ ଦିନ ଗର୍ଭରେ ରଖି
ଜନମ ଦେଇଛୁ ମତେ
ମରିଗଲେ ମୁହିଁ ମାଟିରେ ମିଶିବି
ଭୂଲିବି ନାହିଁ ଲୋ ତୋତେ ।
ଭୂଲି ଯିବି ପଛେ ନିଜକୁ ଲୋ ମୁଁ ଯେ
ଭୂଲିବିନି ତୋର ମମତା ।
ଜନମ ଦେଇକି ଯାହାଲୋ କରିଛୁ ।
ଋଣ ସୁଝିବାର ନାହିଁ କ୍ଷମତା ।
କଣିଯିଏ ହେଲେ ଖଣି କରି ରଖୁ
ମୋର ଖାଇବାର ପାଇଁ
ଓଦା କନା ଦେଇ ଓପାସରେ ରହୁ
କାହିଁକି ଲୋ ମାତୁହିଁ ।
ରୁସିଗଲେ ମୁହିଁ କୋଳେ ତୋର ନେଇ
ଆଦର ଯତନ ଦେଉ ।
ଗର୍ଭେ ଧରି ତୁହିଁ ସେହି ସମୟରେ
କେତେ ଦୁଃଖକଷ୍ଟ ସହୁ ।
ନିଜେ ପିନ୍ଧି ଚିରା ମତେ ଦେଉହିରା
ଶରୀରକୁ ମୋର ଗଢି ।
ତୋ ସ୍ତନ୍ୟକରିପାନ ହୋଇଛି ଲୋବଡ଼
ଫଟିବି ଦିନେ ହୋଇ ଫୁଲକଢି ।

-୦-

# ସଂସ୍କୃତଭାଷା

ଜ୍ୟୋତି ପଟ୍ଟନାୟକ
+୩ ଦ୍ୱିତୀୟ ବର୍ଷ (ସଂସ୍କୃତବିଭାଗ)

ସରଳ ଭାଷା ସଂସ୍କୃତମ୍
ସରସ ଭାଷା ସଂସ୍କୃତମ୍ ।
ସରସ ସରଳ ମନୋଜ୍ଞମଙ୍ଗଳ
ଦେବଭାଷା ସଂସ୍କୃତମ୍ ।
ମଧୁର ଭାଷା ସଂସ୍କୃତମ୍
ମୃଦୁଲଭାଷା ସଂସ୍କୃତମ୍ ।।
ମୃଦୁଲ ମଧୁର ମନୋହର ମୃତ
ତୁଲ୍ୟ ଭାଷା ସଂସ୍କୃତମ୍ ।।
ଦେବଭାଷା ସଂସ୍କୃତମ୍
ବେଦଭାଷା ସଂସ୍କୃତମ୍ ।।
ଭେଦଭାବ ବିନାଶନଂ ଖଲୁ
ଦିବ୍ୟ ଭାଷା ସଂସ୍କୃତମ୍ ।।
ଅମୃତଭାଷା ସଂସ୍କୃତମ୍
ଅତୁଳଭାଷା ସଂସ୍କୃତମ୍ ।।
ସୁକୃତିଜନହୃଦି ପରିଲସିତ ଶୁଭ
ବରଦଭାଷା ସଂସ୍କୃତମ୍ ।।
ଭୁବନ ଭାଷା ସଂସ୍କୃତମ୍
ଭବନ ଭାଗା ସଂସ୍କୃତମ୍ ।।
ଭରତଭୁବି ପରିଲସିତ କାବ୍ୟ
ମନୋଜ୍ଞଭାଷା ସଂସ୍କୃତମ୍ ।।
ଶାସ୍ତ୍ରଭାଷା ସଂସ୍କୃତମ୍
ଶସ୍ତ୍ର ଭାଷା ସଂସ୍କୃତମ୍ ।।
ଶସ୍ତ୍ର ଶାସ୍ତ୍ର ମୃଦାର୍ଷ ଭାରତ
ରାଷ୍ଟ୍ରଭାଷା ସଂସ୍କୃତମ୍ ।।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ବନ୍ଧୁ

ଗାୟତ୍ରୀ ମହାନ୍ତି
+୩ ପ୍ରଥମ ବର୍ଷ (କଳା)

ଜୀବନ ମନ୍ଦିରର ସେ ଅଫେରା ଅତିଥି ।
ଯେତେ ଦେଖିଲେ ବି ନୂଆ ଲାଗୁଥାଏ ଦିନ ହେଉ ଅବା ରାତି ।
ମନର ଅନ୍ଧାରେ ସେ ଯେ ଆଲୁଅର ଦୀପ
ଜୀବନର ଚଲା ବାଟରେ ସେ ଯେ କୁସୁମିତ ପୁଷ୍ପ ।
ନ ହସିଲେ ହସାଏ ସେ କାନ୍ଦିଲେ ପୋଛେ ଲୁହ
ମନ କଥା ପଢି ପାରେ ବନ୍ଧୁ ଏପରି ଏକ ଶବ୍ଦ ।
ମୋ ଜୀବନ କୁସୁମିତ ଆଜି ତାଙ୍କ ପାଇଁ
ସବୁଦିନ ଥାଅ ବନ୍ଧୁ ତୁମେ ମୋ ଜୀବନ ହୋଇ ।
ସାହାଯ୍ୟର ପ୍ରତି ରୂପ ବିଶ୍ୱାସ ପ୍ରତୀକ
ଅମୃତ ଠାରୁ ବଳି ସେଯେ ଏଇ ଆମ ବନ୍ଧୁତ୍ୱ ।
ନା ସେ ମୋ ସମ୍ପର୍କୀୟ ନା ସେ ବାପା ଭାଇ
ତଥାପି ଦେଇ ପାରେ ଜୀବନ ଖାସ୍ ମୋ ପାଇଁ
ତା' ପାଖରେ ଥାଏ ଯେବେ ଭୁଲି ଯାଏ ଦୁଃଖ
କଟିଯାଏ ସମୟ ମୋ ଭାବେ ମୁଁ ଭାବୁକ ।
କେତେବେଳେ ଗୁରୁ ପୁଣି କେତେବେଳେ ମା
ପଥ ପ୍ରଦର୍ଶକ ଭାବେ ସେ ଯେ ସବୁ ବେଳେ ହୁଏ ସାହା ।
ଲେଖୁଛି କବିତା ଆଜି ମୋର ସବୁସାଙ୍ଗ ପାଇଁ
ଏତିକି ନିବେଦନ ପ୍ରଭୁ ଖୁସିରେ ରଖ ତାଙ୍କୁ ସବୁଦିନ ପାଇଁ ।
ଆଉକି ଲେଖିବି ମୋର ଲେଖା ହୁଏ ବଡ଼
ଯେତେ ଲେଖିଲେ ସରିବନି ବନ୍ଧୁ ଏମିତି ଏକ ଅଧ୍ୟାୟ ମୋର ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ସେହି ଆମର ମାଆ

କାଳନ୍ଦୀ ଦାଶ
+୩ ତୃତୀୟ ବର୍ଷ (କଳା)

ମାତୃଦିବସ ଚାଲି ଗଲା ସିନା
ମାଆ ଆଜି ହୁଏ ଝୁରି
କୋଳପୋଛା ପୁଅ ହାତ ଛାଡ଼ି ଦେଲା
ଛାଡ଼ି ହୋଇଯାଏ ଚିରି
ଦଶମାସ କାଳ ଗର୍ଭରେ ରଖି
ଯିଏ ଦେଲା ଥନକ୍ଷୀର
କୋଳେଇ କାଖେଇ ମଣିଷ କରିଲା
ତାକୁ କଲୁ ହତାଦର
ସେବା ପାଇଁ ବୋହୂ ଘରକୁ ଆସିଲା
ପାଇବାକୁ ଶାନ୍ତି ସୁଖ
ଭୋକ ଉପାସରେ ପୋଟ ପୋଡ଼ିଯାଏ
ପୁଅ ଚାହେଁ ନାହିଁ ମୁଖ
ଆଉ କେଉଁ ପୁଅ ସକାଳ ସଞ୍ଜରେ
ନେଇ ମାଆ ପାଦ ଧୂଳି
ପୁତ୍ର ଜୀବନ ସାର୍ଥକ କରିଛି
ମାଆର ସେ ଧନମାଳି
ଘରଛାଡ଼ି ମାଆ ଜରା ନିବାସରେ
ଅବିରତ ଢାଳେ ଲୁହ
କୋହ ଭରା କଣ୍ଠେ ତଥାପି କହଇ
ଭଲରେ ଥାଉ ମୋ ପୁଅ ।

- ୦ -

# ଜାଗ୍ରତ ହୁଅ ଭାରତବାସୀ

ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢୀ
+୩ ତୃତୀୟ ବର୍ଷ (କଳା)

ଗାନ୍ଧି ଏ ତୁମ ଦେଶରେ
ଅନ୍ୟାୟ ଚାଲିଛି ଅଧର୍ମ ବଢୁଛି
ବଜାରେ ଦିନ ଦି ପହରେ
ରାମ ରାଜ୍ୟ ସ୍ୱପ୍ନ ଅଧାରେ ରହିଲା
ରାବଣର ସଂଖ୍ୟା ବଢେରେ ।
ଗାନ୍ଧି ଏ ତୁମ ଦେଶରେ
ଧର୍ମ ନାମେ ଏଠି କେତେ ଯେ ଠକାମୀ
କିଏ ତାକୁ ଟାଳି ପାରେରେ
ରାଜନୀତି ନାମେ ଶୋଷଣ ଚାଲୁଛି
ପ୍ରତିବାଦ ସ୍ୱର ନାହିଁରେ ।
ଶୋଇ ପଡ଼ିଥିବାର ଶୋଇପଡ଼ିଥିବା
ମାରିଦେବେ ହାତେ ହାତେରେ ।
ଶାନ୍ତିର ପତାକା ଉଡ଼ାଇ ଜଗତେ
ଗାନ୍ଧି ସ୍ୱପ୍ନ ପୂରା କରରେ ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଶ୍ରାବଣର ଚିଠି

ରାହୁଲ ବିଟି
+୩ ତୃତୀୟ ବର୍ଷ (କଳା)

ଗଲା ଶ୍ରାବଣର ଚିଠି ଦେଇଥିଲି
ସାଇତି ରଖିଛି ତାକୁ
ଏଇ ଶ୍ରାବଣରେ ବରଷେ ପୁରିଲା
ଆମ ଏ ପ୍ରେମକୁ .....
ଶ୍ରାବଣରେ ତୁମେ ଭଲପାଅ
କାହିଁ ଫୁଲେଇ ବରଷା ହୋଇ
ବୈଶାଖରେ ତମ ପ୍ରେମ ଖୋଜିଲେ
ନ ଥାଏ ତୁମ ଛାଇ .... ।
ଅଦିନିଆ ଝଡ଼ ପରି
ଆସି ଯାଉଥାଏ ତୁମ ପ୍ରେମ
ହେଲେ କି ବୁଝୁଛ ହୃଦୟ ବେଦନା
ତୁମ ବିନା ।
ହେଲାଣି କେତେ ହୀନ ମାନ .... ।

- ୦ -

# ମୋ ମାଆ

ସଂଜୀବନୀ ସାଇଁ
+୩ ତୃତୀୟ ବର୍ଷ (କଳା)

ଲୋଡ଼ା ନାହିଁ ମୋର ସରଗର ଚାନ୍ଦ
ଲୋଡ଼ା ନାହିଁ ପାରିଜାତ
ମୋ ମାଆ ପାଖରେ ଥିଲେ ସବୁ ଲାଗେ ତୁଚ୍ଛ ।
ଲୋଡ଼ା ନାହିଁ ମୋର ଶଙ୍ଖ ମଲ ଘର
ମୋ ମାଆ ଯେଉଁଠି ପାଦଥାପି ଦେବ
ସେ ହେବ ସରଗପୁର ।
ଲୋଡ଼ା ନାହିଁ ମୋର ଦିବ୍ୟ ଭୋଜନ
ଛଅତୁଣ ନଅ ଭଜା
ମାଆ ହାତରନ୍ଧା ପଖାଳ ଶାଗଭଜା
ଭୋଜନ ମଧରେ ରଜା
ଲୋଡ଼ା ନାହିଁ ମୋର ଦେଉଳେ ଦିଅପୂଜା
ମୋ ମାଆ ପାଦଧୂଳି ମୁଣ୍ଡେ ଦେଲେ ମାରି
ଦୁଃଖଯାଏ ହର ହୋଇ
ଆଖିକୁ ନିଦ୍ରା ଆଣିବାକୁ ପଲଙ୍କ କି ଦରକାର
ମୋ ମାଆ କୋଳରେ ମୁଣ୍ଡ ରଖିଦେଲେ
ଅବସାଦ ହୁଏ ଦୂର ।
ସରଗର ସୁଖ ମିଳିଯାଏ ମତେ
ଡ଼ାକିଦେଲେ ଥରେ ମାଆ ।

-୦-

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ନାରୀ

ଜ୍ୟୋସ୍ନାରାଣୀ ବଳ
+୩ ତୃତୀୟ ବର୍ଷ (କଳା)

ନାରୀ ଏକ ଚଢ଼େଇ
ସେ ଏକ ନୂତନ ସଂସାରର ବଢ଼େଇ
କେବେ ସଂସାର ଗଢ଼େ ତ
ଆଉ କେବେ ମାଟି ମା’ ପାଇଁ ଲଢ଼େ ।
କେବେ ସଫଳତାର ଅଣ୍ଡାଦେଇ ଆହ୍ଲାଦିତ କରେ ତ
କେବେ ଶିକାରୀ ଗୁଳିରେ ମରେ ।
ନାରୀ ଯେ ଅନନ୍ୟା
ଛୁଟାଇଥାଏ ଖୁସିରେ ବନ୍ୟା ।
ଆଉ କେତେବେଳେ କୁଆଁରୀ କନ୍ୟା
ଜୀବନ ଯୁଦ୍ଧରେ ଜିତେ ତ କେବେ ହାରିଯାଏ ।
ନହେଲେ ପୃଥିବୀରୁ ତରିଯାଏ ।
କେବେ କାଉପରି ଶୁଭେ ତ
ବିଲେଇ ପରି ଅଶୁଭ
ଫୁଲ ପରି ଫୁଟିଲେ ଆକର୍ଷିତ କରେ ତ
ଆଉ କେବେ ମଉଳିଯାଏ ।
ନାରୀ କେବେ ଜ୍ୟୋଛନାର ଜହ୍ନ ତ
ଆଉ କେବେ ଅମାବାସ୍ୟାର ରାତି
ସେ ହେଉଛି ପୂର୍ଣ୍ଣିମାର ପ୍ରଥମ ତିଥି
ନାରୀ କେବେ ଆକାଶରେ ଉଡ଼େ ତ
କେବେ କେବେ ପୋଖରୀରେ ବୁଡ଼େ ।

-୦-

# ମୋ ମା’

ପ୍ରମିଜ ଶତପଥି
+୨ ପ୍ରଥମ ବର୍ଷ

ଜୀବନଟା ଦେଇ ଦୁନିଆ ଦେଖାଇ
ଏତେ ବଡ଼ କଲ ମତେ
ପାଳିଛୁ ପୋଷିଛ ସ୍ନେହ ବି ଦେଇଛ
ଦେବଦୂତ ପରି ସତେ ।
ସାଂଗ ହୋଇ ମୋର ସାଂଗରେ ରହିଲ
ଚାଡ଼ିଲନି ହାତ ମୋର
ଦାତା ପରି ମୋତେ ସବୁତ ଦେଇଛ
ଅଭାବକୁ ନାହିଁ ଡ଼ର
ଭଲ ବାଟେ ନେଇ ଭଲ କଥା କହି
ଭଲ ସବୁ ଶିଖାଇଛ
କେମିତି ଯିବି ମୁଁ ଖରାପ ବାଟରେ
ତୁମେ ଯେବେ ପାଖେ ଅଛ
ପାଠପଢ଼ା ଠାରୁ ଖେଳିବା ପର୍ଯ୍ୟନ୍ତ
ସବୁ ଧ୍ୟାନ ନେଲ ମୋର
ପଣତେ ତୁମର ଘୋଡ଼ାଇ ରଖିଲ
ବିପଦକୁ ନାହିଁ ଡ଼ର ।
ତୁମ ଆଶୀର୍ବାଦ ଯେତେଦିନ ଯାଏଁ
ପାଖେ ପାଖେ ଅଛି ମୋର
ସବୁ ଝଡ଼ଝଞ୍ଜା ସବୁ ବାଧା ବିଘ୍ନ
ଛାଡ଼ି ଚାଲିଯିବେ ଦୂର ।
ଏତିକି ପ୍ରାର୍ଥୁଛି ପ୍ରଭୁଙ୍କରପାଦେ
ସକାଳରୁ ସନ୍ଧ୍ୟା ଯାଏଁ
ମଲା ଯାଏଁ ମୋର ମାଆଙ୍କ ପାଖରୁ
ସ୍ନେହଶ୍ରଦ୍ଧା ପାଉଥାଏଁ ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ମନର ଭାବନା

ସବିନୟ ରାଉତ
+୩ ଦ୍ୱିତୀୟ ବର୍ଷ (କଳା)

ମନ ଏକ ସାଗରର ଢେଉ
ବିଜନ ବେଳାର ସ୍ମୃତି
ମନ ପୁଣି ଆଶାର ଶ୍ମଶାନ ।୧।

ମନ କେବେ ଘନ ଅଶ୍ରୁପୂର୍ଣ୍ଣ
ବିରହ ଅନ୍ଧାର ରାତି
ମନ ପୁଣି ହୃଦୟର ଉତ୍ପୀଡ଼ନ ।୨।

ମନ ହୁଏ କେବେ ତୋଳିବାକୁ
ଆଶାର ବାଲିଘର
ପୁଣି ମନ ହୁଏ ଚାଲିବାକୁ
ଏକା ବହୁ ଦୂର ।୩।

ମନ ହୁଏ କେବେ ହେବାକୁ
ଗୋଧୂଳି ବେଳର କୀଟ
ମନେ ପଡ଼ିଯାଏ ପୁଣି
ହୃଦୟର ସେହି କଷ୍ଟ ।୪।

ମନ କହେ ଟିକେ ପିଇବାକୁ
ଶାନ୍ତିର ଅମୃତ ରସ
ମନେ ପଡ଼ିଯାଏ ପୁଣି ଅତୀତର
ବିଷାଦ କାଳିମା ବିଷ ।୫।

ମନ ଏକ ଅଜଣା ବାଟୋଇ
ଥକାମିର ପାନ୍ଥଶାଳା
ମନ ପୁଣି ବିରହର ଜଳନ ।୬।

ମନ ଏକ ଦୀପର ସଳିତା
ଜଳେ ମିଞ୍ଜି ମିଞ୍ଜି
ମନ ପୁଣି ଜୀବନର ଦହନ ।୭।

- ୦ -

Edited with the trial version of Foxit Advanced PDF Editor
To remove this notice, visit: www.foxitsoftware.com/shopping



# ମାତୃଭୂମି ଭାରତ

ଭାରତୀ ମହାରଣା
+୨ ଦ୍ୱିତୀୟ ବର୍ଷ (କଳା)

ମାତୃଭୂମି ଆମ ଭାରତ ମାଆ
ତୁହି ଆମର ସାହା ଭରସା
ତୋହରି ସନ୍ତାନ ଅଟଇ ଆମେ
ଭୁଲିବୁନି କେବେ ତୋ ସେନେହ ଶ୍ରଦ୍ଧା ।
ମରଣ ଦୁଆରେ ଗାଇବୁ ଅମର ଗୀତ
ହେଇ ସତ୍ୟବାଦୀ ସଂସ୍କାର ପୂର୍ଣ୍ଣ
ତୋହରି ପାଇଁ ଆମେ ଜୀବନ ଦବୁ
ଭୁଲିବନି କେବେ ତୋ ଅହିଂସା ମାର୍ଗ ।
ଜୀବନର ଚଲାପଥେ କେତେ କଷ୍ଟ ପଡ଼ିଛି
ଆଡେଇବା ବାଟକୁ ଶିଖେଇଛୁ ଆଜି
ତୋହର ସତ୍ୟ, ଶାନ୍ତି, ଅହିଂସାବାଣୀ
ଚିହ୍ନେଇ ଦେଇଛି ଆମେ ଭାରତୀୟ ବୋଲି
କରିବୁନି କେବେ ସେ ଯୋଦ୍ଧାର ଅପମାନ
ଯିଏ କରିଦିଏ ନିଜ ଜୀବନକୁ ଦାନ
ଯେବେ ଯିବୁ ଆମେ ଯୁଦ୍ଧ କ୍ଷେତ୍ରକୁ
ପାଦଧୂଳି ତୋର ମୁଣ୍ଡେ ବୋଳିବୁ
ଯେବେ ଶତ୍ରୁର ଆଗେ ମୁଣ୍ଡ ନୁଆଁଇବୁ ନାହିଁ
ସୃଷ୍ଟି ହେବେ ସେବେ ଝାନ୍‌ସୀରାଣୀ ଲକ୍ଷ୍ମୀବାଈ ।
ଯେବେ କାନ୍ଧରେ କାନ୍ଧ ମିଳାଇ ଚାଲିବୁ
ତୋ ପାଇଁ ଜୀବନର ସବୁ ବାଜି ଜିତିବୁ ।
ତୁହି ଆମର ପ୍ରିୟ ଭାରତ ମାଆ
ହେବୁନାହିଁ କେବେ ତୋ ପୁତ୍ରର ଜନ୍ତା ।
ଜନନୀ ପରି ତ ପାଳିଛୁ ଆମକୁ
ତୋ ପାଇଁ କରିବୁ ଉତ୍ସର୍ଗ ଆମ ଜୀବନକୁ
ମାତୃଭୂମି ଆମ ଭାରତ ମାଆ
ତୁହି ଆମର ସାହା ଭରଷା ।



- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ମା' .....

ମାନସୀ ଧଳ
+୨ ପ୍ରଥମ ବର୍ଷ (କଳା)

ଜନମ ହୋଇଲି  ଯା ମୁହଁ ଚାହିଁଲି
ସେହି ମା' ମୋର ଆପଣାର
କ୍ରମେ ବଡ଼ ହେଲି ଦୁନିଆ ଦେଖିଲି
ପାଇ ତା ଉଷୁମ କୋଳ ।୧।

ଯା' ଆଙ୍ଗୁଠି ଧରି  ଚାଲିମୁଁ ଶିଖିଲି
ସଂସାରର ଲମ୍ବାବାଟ
ଯା' କଥାକୁ ଶୁଣି  କଥା ମୁଁ ଶିଖିଲି
ଜାଣି ସବୁ ଭଲମନ୍ଦ ।୨।

ଯା' ଶ୍ରଦ୍ଧା ଆଦର ବଢାଇଲା ମୋତେ
ଯିବାକୁ ଆଗକୁ ଆଗ
ଯା' ସ୍ନେହପରଶ  ଅଟଇ ଅମୃତ
ସତେ ସରଗର ସୁଖ ।୩।

ଯା' କର୍ତ୍ତବ୍ୟ ଯତ୍ନ ଗଢିଅଛି ମୋତେ
ସଂସ୍କାର ପୁଣି ଦେଇଛି
ତା ସମକକ୍ଷ ଏ ବିଶାଳ ସଂସାରେ
ଜାଣିଛି କେହି ନାହାନ୍ତି ।୪।

ତା' ପେଟର ଦାନା ଛଡ଼ାଇ ଦେଇ ସେ
ମୋ ପାଟିରେ ଦିଏ ଦାନା
କୋହ ଭରା ତା'ର ଛାତିରୁ ବାହାରେ
ଖାଇ ଦେ ରେ ମୋ ସୁନା ।୫।

ରଜାଗର ରହି ଜଗି ବସି ଥାଏ
କେତେ ରାତି ମୋ ପାଶେ
ସବୁ ଅଳି ଆଉ ଅର୍ଦ୍ଦଳିକୁ
ପାଛୋଟି ନେଇ ତା ପଣତେ ।୬।

ମୋ ଆଖିର ଲୁହ ତା' ପାଇଁଟିଲହୁ
ସଂସାର ମୁହିଁ ତାହାର
ତା'ର ଦେବପୂଜା ଜଣାଣ, ପ୍ରାର୍ଥନା
ସବୁ ତ ମୋ ପାଇଁ ତା'ର ।୭।

ମୋର ସୁଖ ଶାନ୍ତି ସେଇ ତ ଚାହିଁଇ
ଦିନ ହେଉ ଅବା ରାତି
ସେହି ମୋର ମା' ମୁଁ ତା'ର ସନ୍ତାନ
ଗରବେ କହୁଛି ଆଜି ।୮।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ମୋ ଓଡ଼ିଶା

ରଶ୍ମିରେଖା ପୃଷ୍ଟି
+୨ (କଳା)

ଓଡ଼ିଶା ମୋ ଘର
କିଏ ନୁହନ୍ତି ତା'ର
ସବୁ ଏଠି ମୋ ଭାଇ ଓ ଭଉଣୀ
କିଏ ପୁଣି ବନ୍ଧୁ ସଖା ସହୋଦର ।
ଆମେ ଏଠି ବନ୍ଧା
ଗୋଟିଏ କୁଟୁମ୍ବ
କେଉଁ ପୁରୁଷର
ନାହିଁ ଏଠି ଭିନ୍ନ କିଏ ଆମଠାରୁ ।
ପଖାଳ ତୋରାଣି
ମୁଠାଏ ହୋଇଗଲେ
ଚଳିଯାଏ ଆମ
ଭୋକିଲା ପ୍ରାଣ ।
ଆମ୍ଭରି ଐତିହ୍ୟ
ସବୁ ପୁରାତନ
ଇତିହାସ ପୃଷ୍ଠେ
କୁହେ ପୁଣି ବେଦ
ସବ କାନ କାନେ
ଆମରି ବିଶ୍ୱାସ
କର୍ମ ଓ ଧର୍ମ
କୁହେ ଜଗତର ନାଥ
ଜୟ ଜଗନ୍ନାଥ
ବିଶ୍ୱ ବ୍ରହ୍ମାଣ୍ଡେ ।

- ୦ -

# ଅଭୁଲା ତା'ର ଛବି

କବିତା ଦାସ
+୩ ପ୍ରଥମ ବର୍ଷ (କଳା)

ସକାଳ ହେଲେ ନିଇତିଉଏଁ
ପୁରୁବ ଆକାଶେ ରବି
କେଡ଼େ ସୁନ୍ଦର ଗାଆଁଟି ମୋର
ଅଭୁଲା ତା'ର ଛବି ।

ବିହଙ୍ଗ ମାଳ ପଲପଲ
ସ୍ୱର ତା ମନୋହର
ହୋଇଥାନ୍ତ କି ଫୁଲଯେ ମୁଁ
କରନ୍ତେ ମତେ ଗେଲ ।

ଭାଇ ବନ୍ଧୁର ପ୍ରେମରଡ଼ୋରି
ବାନ୍ଧିରଖିଛି ମନ
ଗରିବ ହେଉ ମୂଲିଆ ହେଉ
ଭାଇ ମୋ ମହାଧନ ।

ମାଆର ସେଇ ପଣତ ତଳେ
କଇଁକଇଁର କାଦ
ଦୂରେଅଛି ମୁହିଁ ଲାଗୁଛୁ ମତେ
ଆଖିଥାଇ ବି ଅନ୍ଧ

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



## ନାରୀ

ଜିତ୍ରେନ୍ଦ୍ରୀତା ସାମଲ
+୩ ଦ୍ୱିତୀୟ ବର୍ଷ (କଳା)

ଯାହା ଅଭିଶାପେ ପ୍ରଳୟ ହୋଇବ
ଏହି ଧରା ପୃଥିବୀରେ
ଯାହା ଆଶୀର୍ବାଦେ ମଙ୍ଗଳ ହୋଇବ
ଏହି ସବୁ ଧରଣୀରେ
ଯିଏ ସହିପାରେ ଅତ୍ୟାଚାର କେତେ
ଛାତିକୁ ପଥର କରି
ଯିଏ ଦେଇପାରେ ଆଶ୍ୱସନା କେତେ
ଏ ଜାତିକୁ ସେ ନାରୀ
ଚାରି ଯୁଗରେ ତ ତିନୋଟି ରୂପରେ
ଜନମ ହୋଇଛି ନାରୀ
କେବେ ସେ ଭଗିନୀ କେବେ ସେ ଘରଣୀ
କେବେ ସେ ଜନନୀ ପରି
ଯାହାର ଲୁହରେ ପୋଡ଼ିଗଲା
ରାବଣର ଲଙ୍କାପୁରୀ
ଯାହା ନିଶ୍ୱାସରେ ତାହାଭାରତୀୟ ଗଲେ
କୌରବ ହାରି
ଅପାଠୋଇ ହୋଇ ନାରୀ ଆଉ ନାହିଁ
ପାଠୋଇ ହୋଇଛି କେତେ
ନାରୀ ଆଗେଇଲେ ଦେଶ ଆଗେଇବ
ବିପଦ ଘୁଞ୍ଚିବ ଯେତେ
ଜୀବନରେ ପୁଣି ଥାଏ ସିଏ
କେତେଥର ମରି ମରି
ହୃଦୟ ଯାହାର ସେନେହରେ ଭରା
ଏ ଦେଶରେ ସିଏ ନାରୀ ।

- ୦ -

## ଭ୍ରୁଣ ହତ୍ୟା

ସସ୍ମିତା ସେନାପତି
+୩ ତୃତୀୟ ବର୍ଷ (କଳା)

ଶିଶୁଟି ଖେଳୁଛି ମା' ଗର୍ଭରେ
କୁଆଁ କୁଆଁ ଶବଦ ମା ତା ଶୁଣେ
ହୁରି ପଡ଼ିଗଲା ଘରଟା ଯାକେ
ପୁଅ କି ଝିଅ ସେ ଶାଶୁ ପଚାରେ
ସ୍ୱାମୀ କହେ ତାକୁ ଚେକ୍ କରିବା
ଝିଅ ଟିଏ ଥିଲେ ଉଜାଣି ଦେବା
ଶୁଣୁଛି ଝିଅଟି ପେଟରେ ଥାଇ
କା ପାଟେ ଫେରାଦ କରିବ ଯାଇ
'ମା' ମନ କଥା କିଏ ପଚାରେ
ଭୟରେ ଥରୁଛି ସ୍ୱାମୀ କଥାରେ
କାନ୍ଦି କହୁଛି ଶିଶୁଟି ଗର୍ଭରେ ଥାଇ
ଲାଗୁଛି ଏ ଖୁସି ମୋ ଭାଗ୍ୟରେ ନାହିଁ
ଯିଏ ମୋର ପିତା ସିଏ ପାତକ
କି ଦୋଷ କରିଛି ମୋର କି ମାମ
ଝିଅ ଟିଏ ମୁଁ ଏହି ମୋ ଦୋଷ
ବାପା ତୁମରି ରକ୍ତରେ ଗଢା ମୋ ଦେହ
କିପରି ମାରୁଛ ତମେ ବାପା ଏତେ ନିର୍ଦ୍ଦୟ
ଶିଶୁଟି କହୁଛି ପେଟ ଭିତରୁ
ଧନ୍ୟ ଏ ସମାଜ ଧନ୍ୟ ବାପା ତୁମକୁ

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଏଇ ମାଟି ଆମ ମାଆ

ସୁବ୍ରତ ଧଳ
+୩ ଦ୍ୱିତୀୟ ବର୍ଷ (ବିଜ୍ଞାନ)

ଏଇ ମାଟି ଆମ ମାଆରେ
ଏଇ ମାଟି ଆମ ମାଆ ।
ଭେଦଭାବ ଭୁଲି ଗୋଟିଏ କଣ୍ଠେ
ବନ୍ଦନା ତା'ର ଗାଆରେ
ଏଇ ମାଟି ଆମ ମାଆ ।
ଏଇ ମାଟି ବୁକେ ଜନମ ଲଭିଲେ
ମହାତ୍ମା, ସୁବାସ ବୋଷ,
ଲାଲ ବାହାଦୂର ଶାସ୍ତ୍ରୀ, ପଟେଲ
ରଖିଲେ ମାଟିର ଯଶ ।
ଦିନ ଗଲା ବହି ଚିହ୍ନଗଲା ରହି
ସ୍ୱର୍ଣ୍ଣାକ୍ଷରେ ଲେଖା ନାଆଁରେ ।
ଏଇ ମାଟି ଆମ ମାଆ ॥
ବାର ବରଷର ବାଜି ରାଉତ ସେ
ତୋପ ମୁହେଁ ଦେଲା ମଥା,
ଆଜି ବି ଏ ଦେଶ ଜନତା ଗାଉଛି
ସୁରେନ୍ଦ୍ର ସାଏଙ୍କ ଗାଥା ।
ମହାନ ମୋ ଦେଶ ମହାନ ମୋ ମାଟି
ରଖିବା ଆମେ ତା ନାଆଁରେ ।
ଏଇ ମାଟି ଆମ ମାଆ ॥
ଏଇ ମାଟି ଆମ ମାଆରେ
ଏଇ ମାଟି ଆମ ମାଆ
ଭେଦଭାବ ଭୁଲି ଗୋଟିଏ କଣ୍ଠେ
ବନ୍ଦନା ତା'ର ଗାଆରେ
ଏଇ ମାଟି ଆମ ମାଆ ॥

- ୦ -

# ଆମେ ଏ ଯୁଗର ନାରୀ

ଦେବସ୍ମିତା ମଲ୍ଲିକ
+୨ (କଳା)

ଆମେ ଏ ଯୁଗର ନାରୀ ଯେତେବେଳେ
କରିବୁ ପାପୀଙ୍କ ବିନାଶ ।
ହାତରେ ଧରି ଖଣ୍ଡା, ତରୱାର
କରିବୁ ତାଙ୍କର ବଧ
ଡରିବୁନି କେବେ ପଛଘୁଞ୍ଚା ଦେଇ
ଆମେ ଏ ଯୁଗର ନାରୀ
ଆମ ପାଇଁ କିଛି ଅସମ୍ଭବ ନୁହେଁ
ସବୁକିଛି ସମ୍ଭବ
ନିଜକାମ ଆମେ କରିବୁ ନିଜେ
ନିର୍ଭର କରିବୁ ନାହିଁ
ସହିବୁନି ଆଉ ଅତ୍ୟାଚର
କରିବୁ ତା'ର ଅପବାଦ
କଲେ ଆମ ଉପରେ ଅତ୍ୟାଚର
ଧରିବୁ ଆମେ କାଳୀରୂପ
ନାରୀଙ୍କୁ ସମ୍ମାନ ଦେଇ ଶିଖିଲେ
ହେବ ଦେଶର ଉନ୍ନତି
ନାରୀ ହେଉଛି ଘରର ଲକ୍ଷ୍ମୀ
ତାକୁ ସମ୍ମାନ ଦେଇ ଶିଖ
ଭଲଲୋକ ପାଇଁ ଭଲ ହୋଇପାରୁ
ଦୁଷ୍ଟ ପାଇଁ ଖରାପ
ଆମେ ବି ଲଢ଼ିବୁ ପୁରୁଷଙ୍କ ଭଳି
ଆମ ଏ ଦେଶ ପାଇଁ
କାରଣ ଆମେ ଏ ଯୁଗର ନାରୀ !

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ମାଆ

ସୃଚିସ୍ମିତା ସାହୁ
+୨ ପ୍ରଥମ ବର୍ଷ (କଳା)

ମାଆଟି ମୋର ଭାରିସୁନ୍ଦର
ତା'ପରି କେହି ନାହିଁ
ଛୋଟରୁ ବଡ଼ କରିଛି ମତେ
ସ୍ନେହ ଶରଧା ଦେଇ ।
ନିଜେ ନଖାଇ ଖୁଆଏ ମତେ
ଭୋକ ଉପାସେ ରହି ।
ସାରା ଜଗତେ ତା' ପରିଆଉ
କିଏ ହେବରେ ଭାଇ ।
ମରିବା ଯାଏ କରୁଥିବି ମୁଁ
ମାଆକୁ ମୋର ପୂଜା ।
ମାଆର ସବୁ ସୁଗୁଣ ଗାଇ
ଉଡ଼ାଇବି ମୁଁ ଧ୍ୱଜା ।

- ୦ -

# ବର୍ଷା

କେଶରୀ ପ୍ରସାଦ ମହାନ୍ତି
+୩ ଦ୍ୱିତୀୟ ବର୍ଷ (ବିଜ୍ଞାନ)

ନିଦାଘକୁ ଦେ ବିଦାୟ ଆସିଗଲା ବରଷା ।
ଆକାଶ ରେ ମେଘ ଦେଖିଣ ପ୍ରିତ ହୁଅଇ ଚଷା ।
ସବୁଜ ରଙ୍ଗର ଶାଢି ରେ ପୃଥ୍ୱି ଦିଶେ ଅନନ୍ୟା ।
କେଅବା ଦେବ ତା' ସୌନ୍ଦର୍ଯ୍ୟର ଉପମା ।
ନଦୀନାଳ ସବୁ ପୁରିଲା ଜଳ ସଙ୍କଟ ଦୂର ।
ଶ୍ରବଣେ କର୍କଷ ଲାଗଇ ମଣ୍ଡୁକର ସ୍ୱର ।
ନୀଳ ମେଘ ଦେଖି ମୟୂର ଯେହ୍ନେ କରଇ ନୃତ୍ୟ ।
ଚଷା ପୁଅ ଯେତେ ଖଟଇ ଗାଇ ସାଙ୍ଗିତ ।
ରଜ ରଥଯାତ୍ରା ସାଙ୍ଗକୁ ପରା ଯେତେ ପର୍ବାଣୀ ।
ପ୍ରଚାର କରଇ ବିଶ୍ୱରେ ଉତ୍କଳର କାହାଣୀ ।
ଧନ୍ୟ ସେ ପ୍ରାଣୀ ମଙ୍ଗଳ କାରିଣୀ ବରଷା ।
ଜୀବନ ରକ୍ଷାର ଏକମାତ୍ର ଆଶା ଭରଷା ।

-୦-



Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଗାଁଟା ସହର ହୋଇଛି

ଜ୍ୟୋତ୍ସ୍ନାରାଣୀ ବଳ
+୩ ତୃତୀୟ ବର୍ଷ (କଳା)

ସକାଳୁ ସକାଳୁ କାଉ ରାବୁନାହିଁ
ଘଣ୍ଟା ଆଲାରାମ ବାଜୁଛି
ଏଠି ଗାଁଟା ସହର ହୋଇଛି ।୧।
ସକାଳୁ ସକାଳୁ ନମସ୍କାର ନାହିଁ
ହାଏ ହାଲୋ ସବୁ ଚାଲିଛି ।
ଏଠି ଗାଁଟର ସହର ହୋଇଛି ।୨।
ନାହିଁ ନାହିଁରେ ହଁ ଚାଲୁଅଛି
ଘର ପାଖେ ବିଦେଶୀ ମଦଦୋକାନ ଖୋଲୁଛି
ଏଠି ଗାଁଟର ସହର ହୋଇଛି ।୩।
ନଟିଆନନୀର ବରା ଆଲୁଦମ୍ ନାହିଁ
ଦୋସା ଆଲୁଦମ୍ ଚାଲିଛି ।
ଏଠି ଗାଁଟା ସହର ହୋଇଛି ।
ଯାକର କାମ ପଡ଼ିଅଛି
ବୋହୂ କହୁଅଛି ସବୁ ସରିଛି
ଏଠି ଗାଁଟା ସହର ହୋଇଛି ।୪।
ଏଠି ପାଣି ମିଳୁନାହିଁ ମିଳୁଛି ବିଷ ଜହର
ତାଙ୍କୁ ବୋପାଇଁ ଲାଗିଛି ଲୋକଙ୍କ ଲହର
ଏଠି ଗାଁଟା ସହର ହୋଇଛି ।୫।

- ୦ -

# ମନ

ସୁକନ୍ୟା ରାଉତ
+୨ ପ୍ରଥମ ବର୍ଷ (କଳା)

ମନର ଆବେଗ ମନର ଆଗ୍ରହ
ନିମିଷକେ ହୁଏ ମନରେ ଦାହ
ମନରେ ସେହି ଅନାବନା ଆଶା
ଜଳିପୋଡ଼ି ମନେ ହୁଏ ପାଉଁଶ
ଉନ୍ମାଦିଗ ଇଚ୍ଛାର ନୀଳ ଅନଳ
ତହିଁରେ ଦଗ୍ଧ ହୁଏ ମନ ଅତି ଚଞ୍ଚଳ ।
ଚପଳ ଚଞ୍ଚଳ ମୋ ମନର ଆଶା
ମନ ହୃଦୟକୁ କଲେ ଦୁର୍ବାଷା
ଆଶାର ଅନଳ ଜଳେ କ୍ଷୀପ୍ତ ମନରେ
ଧିରେ ଶାନ୍ତ ହୁଏ ନୟନ ବାରିରେ
ଭୂମିରେ ଲୋଟେ ମୋ ଟୋପା ଟୋପା ଲୁହ
ଲୁହରେ ଲୁଚିଥାଏ ମୋ ଅନ୍ତରର କୋହ
ଅସଭ୍ୟ କୋହ ବକ୍ଷ ମୋ ଚିରେ
ଗଗନ କମ୍ପେ ମୋ ହୃଦୟ ଚିତ୍କାରେ
ଚିଙ୍ଗାରି ଉଠେ ଯେତେ ଢ଼ାଳି ଅଶ୍ରୁ ବାରି
ବକ୍ଷ କୋହ ମୋର ସେତେ ଉଠେ ଉଦ୍‌ଗାରି
ମନର କୋହର ମୋ ନାହିଁ ସମାପ୍ତ
ଯେବେ ଯାଏ ହୃଦ୍ ସ୍ପନ୍ଦନ ମୋ ହୋଇ ନାହିଁ ସ୍ତବ୍ଧ

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ରାତିର ଭୟ

ଲିପ୍‌ସା ରାଣୀ ନାୟକ
+୩ ତୃତୀୟ ବର୍ଷ (ବିଜ୍ଞାନ)

ରାତ୍ରିର କଳାଚାଦର ଟେକି
ଜହ୍ନ ଆସେ
ଧସେଇ ପଶେ ଅନେକ ଭୟ ଆଶଙ୍କା ।
ଯନ୍ତ୍ରଣା ଅବା ମୃଦୁ ଜହ୍ଲାଦର ତାତି ।
ଟପ୍‌ଟପ୍ ବର୍ଷାଛିଟା ପରି
ଝରିପଡ଼େ କେଇବୁନ୍ଦା କାକର
ଏଇତ ରାତ୍ରିର ପରିଚୟ !
ରାତି ଆସେ ତାରା ଫୁଟେ
ଆଖିରେ ସ୍ୱପ୍ନ ଫୁଟେଇ
ଶୋଇଯାଏ ନିଘୋଡ଼ ନିଦରେ
କାହାପାଇଁ ଅବସାଦର ବାର୍ତ୍ତା,
ପ୍ରବଞ୍ଚିତ କଳାକାର ମନରେ
ନିଆଁଝୁଲ ଝରିପଡ଼େ



ଶୋଇଥିବା ଭୋକମାନେ ଜାଗି ଉଠନ୍ତି
ଫେରନ୍ତି ଅଫେରା ଅତୀତ
ଆଖିର ସପ୍ନସବୁ ଲୁହ ହେଇ ଝରିପଡ଼େ କେବେ
କେବେ ପୁଣି ଥରିଉଠେ ଅଦେଖା ଭବିଷ୍ୟତ
ସବୁ ଆତଙ୍କରେ କଳଙ୍କର ଟୀକା ପିନ୍ଧି
ରାତି ଫେରିଯାଏ
ସକାଳର କିରଣରେ ସବୁକିଛି ସଫେଦ୍ ହେଇଯାଏ
ଉପୁଜାଏ କିଛି ନୂଆସ୍ମୃତି
ନୂଆ ଭୋକ
ନୂଆ ଜହ୍ଲାଦର କାହାଣୀ,
ରାତିତ ଦୋହରାଏ ଖାଲି,
ସଇତାନର କି ଯାଏ ଆସେ
ଦିନ ହେଉ କି ରାତି ତା ବିଜୟର ଅଟ୍ଟହାସ୍ୟ ଶୁଭେ
ଆଲୋକର ପ୍ରବଞ୍ଚନା ଖାଲି ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଏ ଯୋଜନା ସବୁ କାହା ପାଇଁ

ପ୍ରଦୀପ ରାଉତ
+୩ ତୃତୀୟ ବର୍ଷ (କଳା)

ଏ ଯୋଜନା ସବୁ କାହା ପାଇଁ
ଚଷ ମରୁଛି ଚଷି କାନ୍ଦୁଛି
ତାଙ୍କ କଥା ଜମା ଶୁଣୁ ନାହିଁ
ଏ ଯୋଜନା ସବୁ କାହା ପାଇଁ
ପୋଲ ହେଉଛି ପୋଲ ଭାଙ୍ଗୁଛି
କିନ୍ତୁ ଗାଁକୁ ପରା ରାସ୍ତା ନାହିଁ
ଏ ଯୋଜନା ସବୁ କାହା ପାଇଁ
କଷ୍ଟ ଯନ୍ତ୍ରଣାଟି ମୋ ପାଉଛି
କିନ୍ତୁ ଆମ୍ବୁଲାନ୍ସ ସେଠାରେ ପହଞ୍ଚୁ ନାହିଁ
ଏ ଯୋଜନା ସବୁ କାହା ପାଇଁ
ଶିଶୁ ଶ୍ରମିକ ବଢୁଛି ଏଠାରେ
କିନ୍ତୁ ବିଦ୍ୟାଳୟରେ କେହିନାହିଁ
ଏ ଯୋଜନା ସବୁ କାହା ପାଇଁ
ବିଦେଶରେ ଯାଇ ବେଠି ଖଟୁଛନ୍ତି
ସରକାରଙ୍କର ଏଠି ଚିନ୍ତା ନାହିଁ
ଏ ଯୋଜନା ସବୁ କାହା ପାଇଁ
ଜଙ୍ଗଲୀ ପ୍ରାଣୀଙ୍କ ସଂଖ୍ୟା କମୁଛି
କିନ୍ତୁ ସରକାରଙ୍କ ପାଖରେ ତଥ୍ୟ ନାହିଁ
ଏ ଯୋଜନା ସବୁ କାହା ପାଇଁ
ରେପ୍ ର ସଂଖ୍ୟା ବଢିଚାଲିଛି
କିନ୍ତୁ ସେଫ୍ ର କଥା ଚିନ୍ତା ନାହିଁ
ଏ ଯୋଜନା ସବୁ କାହା ପାଇଁ
ବୃକ୍ଷରୋପଣର ବାର୍ତ୍ତାଦେଇ
ଗଛକଟା ଚାଲେ ସାଇଁ ସାଇଁ
ଏ ଯୋଜନା ସବୁ କାହା ପାଇଁ
ପେଟ୍ରୋଲ ଦର ବୃଦ୍ଧି ପାଇଛି
କିନ୍ତୁ ହ୍ରାସ କଥା ଚିନ୍ତା ନାହିଁ
ଏ ଯୋଜନା ସବୁ କାହା ପାଇଁ
ଅପପୃଷ୍ଟିରେ ଶିଶୁ ଶିକାର ହେଉଛି
କିନ୍ତୁ ଖାଦ୍ୟ ସେଠାରେ ପହଞ୍ଚୁ ନାହିଁ
ଏ ଯୋଜନା ସବୁ କାହା ପାଇଁ
ସଧବା ଏଠାରେ ଭତ୍ତା ପାଉଛି
କିନ୍ତୁ ବିଧବା ପାଇଁ ଭତ୍ତା ନାହିଁ
ଏ ଯୋଜନା ସବୁ କାହା ପାଇଁ
ଆଜିକି ଲୋକେ ଅନ୍ଧାରରେ କାଳକାଟୁଛନ୍ତି
କିନ୍ତୁ ଆଲୋକ ଏଠାରେ ପହ୍ୟଞ୍ଚୁ ନାହିଁ ।
ଏ ଯୋଜନା ସବୁ କାହା ପାଇଁ
ଟିଭିରେ ପ୍ରସାରଣ ଗଦାଏ ଗଦାଏ
କିନ୍ତୁ କାର୍ଯ୍ୟକାରୀ ହେଲେ ଗୋଟେ ନାହିଁ
ଏ ଯୋଜନା ସବୁ କାହା ପାଇଁ
ଦେଶ ବିକାଶ କଟୁଛି, ବିକାଶ କରୁଛି
ତା'ର କୌଣସି ଚିହ୍ନ ବର୍ଣ୍ଣ ନାହିଁ
ଏ ଯୋଜନା ସବୁ କାହା ପାଇଁ

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ସ୍ନେହମୟୀ ମା'

ମୃଣାଳିନୀ ମହାନ୍ତି
+୨ ଦ୍ୱିତୀୟ ବର୍ଷ (କଳା)

ମା' ସେହି ଆମ ମା'
ସ୍ନେହ ଦେବାରେ ନଥାଏ ତା'ର ସୀମା
ସେହି ଅମାରମା'
ତା'ର ସେହି ସ୍ନେହ ମମତା ପାଇଁ
ସନ୍ତାନଟି କେତେ ଅଳି କରଇ ।୧।
ହାତ ଧରି ମା ଚାଲିଶିଖାଏ ବାଟ
ମା'ର ହୃଦୟ ବହୁତ ବିରାଟ ।୨।
ମା' ଆମ ପାଇଁ ଜୀବନ୍ତ ଠାକୁର
ମା'ର ମମତା ଅପାର ଅପାର ।୩।
ଭୁଲ୍ କଲେସେ ବୁଝେଇଦିଏ ।
ସ୍ନେହ ମମତା ସେ ବରଷାଇ ଥାଏ ।୪।
ମା'ଯେ ସ୍ୱରୂପୀ କରୁଣାଭଣ୍ଡାର ।
ମା'ର କରୁଣା ଅସୀମ ସାଗର ।୫।
ମା'ର ଭଲପାଇବାକୁ କରିବନି ହେୟ ।
ମା'ପାଇଁ ଏଇ ଦୁନିଆରେ ଆମ ପରିଚୟ ।୬।
ଦୁନିଆର ସବୁ ଶାନ୍ତି ମା'ର ପଣତରେ ।
ଯାଦୁ ମଧ ଅଛି ସେଇ ମା'ର ହାତରେ ।୭।
ସନ୍ତାନର ସୁଖ ଦେଖି ମା'ହୁଏ ଖୁସି ।
ଖୁସି ହୁଏ ସନ୍ତାନ ମା ଦେଲେ ଟିକେହସି ।୮।
ପରିବାର ମନ୍ଦିର ହେଲେ ମା'ଯେ ଠାକୁର ।
ଦୁନିଆର ସବୁ ମା'ଙ୍କୁ ମୋର ନମସ୍କାର ।୯।

- ୦ -

# ମାଆଙ୍କ ଅଫିସ

ଇପ୍‌ସିତା ସାହୁ
+୩ ପ୍ରଥମ ବଷ

ମା' ହାଣ୍ଡିଶାଳ ଭାରି ସୁନ୍ଦର
ମାଙ୍କର ସେତା ଅଫିସ୍ ଘର
ମାଆଙ୍କର ସେଠି ଡେଲି ଡ୍ୟୁଟି
ନାହିଁ ରବିବାର ନାହିଁଟି ଛୁଟି
ମାଆ ସବୁବେଳେ ଅଟନ୍ତି ବିଜି
ତାଙ୍କ କାମ ସବୁ ଅଟଇ ଇଜି
ତାଙ୍କ ନାଲିପେନ୍ ଅଟେ ଖଡ଼ିକା
କଳା ପେନ୍ ତାଙ୍କ ଡଙ୍କି ଖଡ଼ିକା
ଫାଇଲ ତାଙ୍କର ହାଣ୍ଡିକଡେଇ
ଅର୍ଡର କରନ୍ତି ହାତ ବଢେଇ
ଭାଇ ଭଉଣୀ ଓ ବାବା ଆମର
ଆମେ ସବୁ ଡେଲି ଷ୍ଟାଫ୍ ତାଙ୍କର
ତାଙ୍କ ଅଫିସରେ ନିୟମ ନାହିଁ
ତାଙ୍କ ପାଶେ କିଛି କମ୍ପ୍ଲେନ୍ ନାହିଁ
ଯେଉଁଦିନ ମାଆ ଛୁଟି ନିଅନ୍ତି
ସେହିଦିନ ଆମ ଘରେ ଅଶାନ୍ତି ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଆମେ ଏ ଦେଶର କୁନି ଫୌଜ

ମାନସୀ ମଲ୍ଲିକ
ଏମ୍.ଏ ଦ୍ୱିତୀୟ ବର୍ଷ (କଳା)

ଆମେ ଏଦେଶରେ କୁନି ଫୌଜ
ଗଢ଼ିବୁ ଦେଶର ଗୌରବ
ରଖିବୁରେ ଆମେ ଗାଇବୁରେ ଆମେ
ଆମ ଏ ଦେଶର ସୌରଭ ।
ଆମେ ଏ ଦେଶର କୁନି ଫୌଜ ...।୦।
ଜ୍ଞାନ ବିଜ୍ଞାନରେ ଆଗ ଆମ ଦେଶ
ଧର୍ମନିରପେକ୍ଷ ଆମର ଏ ଦେଶ
ସଂସ୍କୃତିରେ ସିଏ ପୃଥିବୀରେ ଶ୍ରେଷ୍ଠ
ଆମେ ଏଦେଶର କୁନି ଗୌରବ ... ।୧।
ଆମେ ନୁହେଁ ଗାନ୍ଧୀ ନୁହେଁ ତ ସୁଭାଷ
ହେଲେ ଦେଶ ପାଇଁ ପ୍ରେମ ଯେ ଅଶେଷ
ଗଢ଼ିବୁ ଦେଶକୁ ଦେଇଶେଷ ରକ୍ତ
ଆମେ ଏ ଦେଶର କୁନି ଫୌଜ ...।୨।
କାଶ୍ମୀର ଲଜାଖ ଗୋଆ ଗୁଜୁରାଟ
କନ୍ୟା କୁମାରୀଠୁ ଏବଙ୍ଗପ୍ରଦେଶ
ଗଢ଼ିଛୁରେ ଆମେ ଅଖଣ୍ଡ ଭାରତ
ଆମେ ଏଦେଶର କୁନି ଫୌଜ ...।୩।

- ୦ -

# ତୁ ଭିଜିବା ବନ୍ଦ କର

ସୁଦର୍ଶନ ସାହୁ
+୩ ତୃତୀୟ ବର୍ଷ

ତୁ ଏମିତି ଏକା ଏକା ବସିଥା
ଏ ଜୀବନ ହିଁ ଏମିତି
ତୋତେ ଏକା ଛାଡ଼ିଦେଇ ଯାଇଥିବା ସାଥି
ଖୁବ୍ ଖୁସିରେ ଥିବ
କିନ୍ତୁ ତୁ ଏଠି...
ଲୁହର ବାରିଧାରେ
ଭିଜୁଛୁ ଦିନ ତମାମ ଆଉ ନିଶି ତମାମ...
ନାଁ ....
କେତେ ଆଉ ଭିଜୁଥିବୁ
ଏ ଛଳନା, ଖେଳନା ମଣିଷ ପାଇଁ
ତୁ ଭିଜିବା ବନ୍ଦ କର !
ନହେଲେ ଏମାନେ ଖେଳି ଚାଲିବେ ତୋ ସାଥେ ।
ସତ କହ ମୋ ରାଣ ଖାଇ ମୋତେ
ତୁ ଆଉ ଭିଜିବୁନି ତୋ ଲୁହ ଧାରେ
କେବଳ ଚାଲିବୁ ତୁ ଏକା ଏକା ପଥେ ।
ହିଁ ମନେରଖ
କେବେ ଥକିବୁନି ....
ଯେତେ କଣ୍ଟା ଆଉ ପଥର ଆସିଲେ ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ମୁକ୍ତିର ଅପେକ୍ଷାରେ

ଦିପ୍ତୀରଞ୍ଜନ ପାଢୀ
**ଅତିଥି ଅଧାପକ, ସମାଜ ବିଜ୍ଞାନ**

ଜନ୍ମରୁ ଅଲୋଡ଼ା ଓ ଅବାଞ୍ଛିତ ଝିଅଟେ ମୁଁ
ତଥାପି ମା ପେଟରୁ ଘନ ଘନ ମୃତ୍ୟୁର ଆଶଙ୍କାରୁ
ସୌଭାଗ୍ୟ ବଶତଃ ବଞ୍ଚିଯାଇଥିବା ଝିଅଟେ ମୁଁ ॥
ଜନ୍ମ ପରେ ଧିରେ ଧିରେ ସମାଜର ଅନ୍ତରତାର
ବେଡିରେ ବାନ୍ଧିହୋଇ ପିଞ୍ଜରାବଦ୍ଧ ଶୁଆପରି
ଜୀବନ କାଟୁଥିବା ତଥାକଥିତ ସମାଜର
ସଂସ୍କାରି ଝିଅଟେ ମୁଁ ॥
କେବେ ଶିକ୍ଷାରୁ ବଞ୍ଚିତ ଅବାକେବେ ସ୍ୱାସ୍ଥ୍ୟରୁ
ପରିବାରର ବୋଝ ଓ ମାନସିକ ଚାପର
କାରଣ ସାଜିଥିବା କଥିତ ସମାଜର
ବଢିଲା ଝିଅଟେ ମୁଁ ॥
କାହିଁ କେଉଁ କାଳରୁ ସାଧୀନତା ଓ ସମାନତାର ବାସ୍ନା
ପାଇବାକୁ ସଂଗ୍ରାମରତ ଓ ଅପେକ୍ଷାରତ ଝିଅଟେ ମୁଁ ॥
କେବେ ସାଧୀନତାର ସ୍ୱାଦଚାଖିବାକୁ
ପାଦକାଢିଥିବା ଓ ଜଘନ୍ୟ ଦୁର୍ଷ୍କମର ଶିକାର ହୋଇଥିବା
ଓ ସାରା ସମାଜର ସମ୍ବେଦନାର ପାତ୍ର ତଥା ଜୀବନ ସହିତ
ଅସହ୍ୟ ଯନ୍ତ୍ରଣାରେ ଲଢୁଥିବା ପିଡ଼ିତାଟେ ମୁଁ ॥
କାହିଁ କେବେଠାରୁ ସମାଜର ଯୌତୁକ ନାମ୍ନି ରୁଗ୍ଣ ମାନସିକତାର
ଶିକାରହୋଇଥିବା ନବବଧୂଟେ ମୁଁ

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



ଅଥବା ପିଲା ଜନ୍ମ କରିବାର ଯନ୍ତ୍ରଭଳି ବ୍ୟବହାର ହେଉଥିବା ଝିଅଟେ ମୁଁ ।।
ସ୍ୱାଧୀନ ଭାରତରେ ସ୍ୱାଧୀନତାରେ ଉଲ୍ଲସିତ ହୋଇ
ସ୍ୱାଧୀନତାକୁ ଉପଭୋଗ କରିବାକୁ ପାଦକାଢ଼ିଥିବା
ଓ ବର୍ବରତାର ଶିକାର ହୋଇଥିବା ତଥା ଗଣମାଧମର
ତଥାକଥିତ ନୀର୍ଭୀକର ପରିଚୟ ପାଇଥିବା
"ନୀର୍ଭୟା" ନାମ୍ନି ଅତୃପ୍ତ ଆତ୍ମାଟିଏ ମୁଁ ।।
ତଥାପି ରାଜନୀତିର ପରିଭାଷାରେ ଅବା ଜନମାନସର ପରିକଳ୍ପନାରେ
ପୂଜା ପାଉଥିବା ଚିରବନ୍ଦନୀୟ ନାରୀଟେ ମୁଁ
ଶକ୍ତିପୀଠ ଭାରତରେ ବିଭିନ୍ନ ମନ୍ଦିର ଓ ଘରେ ଘରେ
ବାସ୍ତବତା ଠାରୁ ଦୂରରେ ବିଭିନ୍ନ ରୂପରେ ପୂଜା ପାଉଥିବା
ଶକ୍ତିମୟୀ, କ୍ଷମାଦାୟିନୀ, ମଙ୍ଗଳକାରିଣୀ ନାରୀଟିଏ ମୁଁ ।।
କାହିଁ କେଉଁ ଆବାହମାନ କାଳରୁ ଅବହେଳିତ ନିଷ୍ପେସିତ
ତଥା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅସହ୍ୟ ଯନ୍ତ୍ରଣାରେ
ଛଟପଟ ହେଉଥିବା ମୁକ୍ତି ଆଶାବାଦୀ ନାରୀଟେ ମୁଁ ।

- ୦ -



Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ମାଆ

ସ୍ୱର୍ଣ୍ଣପ୍ରଭା ମିଶ୍ର
+୩ ତୃତୀୟ ବର୍ଷ (ବିଜ୍ଞାନ)

ତଳେ ପଡ଼ିଗଲେ ଯିଏ
କୋଳେଇ ନିଏ ସେ ମା'
ଧୂଳି ଝାଡ଼ିଦିଏ ନିଜ ପଣତକାନିରେ
କହେ ସେ ଆହା ।୧।

ସ୍ନେହ ତା'ର ଅସରନ୍ତି
ମମତା ତା ଅସୀମ ।
ଧୈର୍ଯ୍ୟରେ ସେ ବସୁନ୍ଧରା
କିଏ ତା'ର ସମ ।୨।

ଭାଙ୍ଗିଥିଲେ ଗଢ଼ାଏ ସେ
କାନ୍ଦୁଥିଲେ ହସାଏ
ଅଝଟିଆ ହେଲେ ନିଜ
କୋଳେ ଧରି ବୁଝାଏ ।୩।

ନିଦ ନ ଆସିଲେ ସିଏ
ଗପ କହି ଶୁଆଏ ।
କୋଳେ ଧରି ବୁଲିବୁଲି
ଜହ୍ନମାମୁ ଦେଖାଏ ।୪।

ଦେହ ଥିଲେ ଅସୁସ୍ଥ
ସେ ଶୁଏ ନାହିଁ ନିଦରେ ।
ସାରା ରାତି ସେବା କରେ
ରହି ଉଜାଗର ରେ ।୫।

ସୃଷ୍ଟିର ସ୍ରଷ୍ଟା ସିଏ
ନାମ ତା'ର ଅନେକ ।
ଆମ ପାଇଁ କରେ ଓଷା
କରେ  ମାନସିକ ।୬।

ମାଆ ଅଟେ ଦୁନିଆରେ
ସବୁଠାରୁ ମିଠା ।
ଅମୃତ ସମାନ ଅଟେ
ତା'ର ପ୍ରତି କଥା ।୭।

ହୃଦୟ ତା କୋମଳ
ଅଟେ ଫୁଲ ପରି
ଧୈର୍ଯ୍ୟରେ ସେ ବସୁମତୀ
କିଏ ତା'ର ସରି ।୮।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ବିଶ୍ୱାମିତ୍ର

ଶୋଭନ ଦୁବେ
+୩ ପ୍ରଥମ ବର୍ଷ (କଳା)

କ୍ରୋଧୀ ବିଶ୍ୱାମିତ୍ର ମନେ ଚିନ୍ତା କଲେ
ନ ଛାଡ଼ିବି କେବେ ବଶିଷ୍ଠକୁ ଭଲେ
ଚିର ଶତ୍ରୁ ମୋର ସେ ଦୁଷ୍ଟ ବ୍ରାହ୍ମଣ
ବିନାସିବି ତାକୁ ଏହି ମୋର ପଣ
ବାରମ୍ବାର ମତେ ଡ଼ାକଇ ରାଜର୍ଷି
ନ ଡ଼ାକିଲା ମୋତେ କେବେ ଯେ ମହର୍ଷି
ଭାଙ୍ଗିବି ତା ଗର୍ବ ଆଜି ତପ ବଳେ
ଅରଜିବି କିର୍ତ୍ତୀ ଏ ମହୀ ମଣ୍ଡଳେ
ଏଥର ରାଜର୍ଷି କଲେ ସମ୍ବୋଧନ
ଫେରିଲେ କେବେ ସେ ନ ପାଇବ ପ୍ରାଣ
ମହାକ୍ରୋଧ ବହି ଗଲେ ଋଷିବର
ମିଳିଲେ ସେ କ୍ଷଣି ବଶିଷ୍ଠ ଛାମୁର
ଭାଷିଲେ ବଶିଷ୍ଠ ଆସ ହେ ରାଜର୍ଷି
କେବେ ସମ୍ବୋଧନ ନ କଲେ ମହର୍ଷି

ସେ କାଳେ ଚିନ୍ତିଲେ କ୍ରୋଧୀ ଗାଧୀସୁତ
ଫେରିଲେ ପଛକୁ ବଶିଷ୍ଠ ନିହତ
ଛାର ପଦ ପାଇଁ ଏତେ ବଡ଼ ପାପ
କରିବାକୁ କିବା କରିଥିଲି ତପ
ନ କରନ୍ତୁ ପଛେ ମତେ ସମ୍ବୋଧନ
ମହର୍ଷି ବୋଲିଣ ସେହି ତପୋଧନ
ଦୀର୍ଘାୟୁ ହୁଅନ୍ତୁ ମହର୍ଷି ବଶିଷ୍ଠ
ପୂଜା ପାଉଥାନ୍ତୁ ହୋଇ ରଷିଶ୍ରେଷ୍ଠ
ବିଶ୍ୱାମିତ୍ର ମନ କଥା ଜାଣି ମହାରଷି
ସମ୍ବୋଧନ କଲେ ଆସ ଆସ ହେ ମହର୍ଷି
ନୟନରୁ ଅଶ୍ରୁଧାରା ବହେ ଝରଝର
ବିଶ୍ୱାମିତ୍ର ହୋଇଗଲେ ମହର୍ଷି ପ୍ରବର ।

- ୦ -



Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଜୀବନ

ପ୍ରତାପ ବେହେରା
ସ୍ନାତକୋତ୍ତର ଇତିହା ବିଭାଗ

ଜୀବନରେ କିଛି କିଛି ମିଶାଣ ଫେଡ଼ାଣ
ଦୁଃଖର ଗୁଣନ ଆଉ ସୁଖର ହରଣ ।
ଜନମଠୁ ମୃତ୍ୟୁଯାଏ ଯେତିକି ଦୂରତା
ତା' ଭିତରେ କହିଥାଏ ଜୀବନ ତା କଥା ।
ସେ କଥାରେ କିଛି ସତ କିଛି ବି ସପନ
ଯେ ଏକାଠି ବାନ୍ଧିଥାରେ ସେଇତ ଜୀବନ ।
ରାତ୍ରିର ଅନ୍ଧାର ଆଉ ଦିନର ଆଲୋକ
କଣ୍ଟାର ଆଘାତ ପୁଣି ଫୁଲର ମହକ ।
ପ୍ରଶ୍ନର ଝଡ଼ ସାଥେ ସନ୍ଦେହର ନିଆଁ
ଲହୁର ବରଷା ପୁଣି ଫଗୁଣର ଛୁଆଁ ।
କେତେବେଳେ ସମସ୍ୟା ତ କେବେ ସମାଧାନ
ତା' ଭିତରେ ଜୀବନର ସଜ୍ଞା ନିରୂପଣ ।

- ୦ -

# ମୋ ଯାଜପୁର

ପ୍ରତାପ ବେହେରା
ସ୍ନାତକୋତ୍ତର ଇତିହାସ ବିଭାଗ

ଯାଜପୁର ମାଟି କଳା ସଂସ୍କୃତିର
ଗାଉଛି ଅମର ଗାଥା
ମୁଁ ଯାଜପୁର ଛାତ୍ର ଅଟେ ବୋଲି
ନୁଆଁ ଇବି ନାହିଁ ମଥା ।
ତାହାରି କୋଳରେ ବଢ଼ିଛି ଆଜିମୁଁ
ଶୀତଳ ପରଶ ପାରେ
ତାହାରି ନାମକୁ ରଖିବି ଦିନେ ମୁଁ
ଏକଥା ଦେଉଛି କହି
ସବୁଜିମା ଭରା ସେଥିରେ ତା'ର
ସବୁଜିମା ଭରା ଛାଇ
ମନେ ପଡ଼ିଗଲେ ମୋ କଲେଜ କଥା
ଜମା ନ ପାରଇ ରହି ।
ମନ୍ଦିର ସମାନ ମହାବିଦ୍ୟାଳୟ
ଦେବତା ସମାନ ଗୁରୁ
ତାଙ୍କର ଆଜ୍ଞାରୁ ଜ୍ଞାନର ଆଲୋକ
ମୁଁ ପାଇଅଛି ସୁଚରୁ ।
ଅସୀମ ଜ୍ଞାନର ଅଧିପତି ପୁଣି
ଅଟନ୍ତି ସେ ବିଶ୍ୱକର୍ମା

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



## ମା'ର ସ୍ନେହ

ଅନୁପମା ସାହୁ
+୩ ପ୍ରଥମ ବର୍ଷ (କଳା)

ମା'ର ନାମ ବଡ଼ ମଧୁର
ଭୁଲେନା ତାକୁ କେହି ।
ଦେଖିଲେ ତା'ର ହସିଲା ମୁହଁ
ଖୁସିରେ ନାଚେ ମୁହିଁ
ଅଝଟ କେବେ କଲେ ତା ଆଗେ
କରେନି କେବେ ରାଗ ।
ଭୋକ ଲାଗିଲେ ଖାଇ ମାଗିଲେ
ଦିଏ ସେ ବାଢ଼ି ଆଗ ।
ସଗର ଠାରୁ ବଡ଼ ମୋ ପିତା
ପୃଥିବୀ ଠୁଁ ବଡ଼ ମା' ।
ସେହି ମୋ ତପ, ସେହି ମୋ ଜପ
ସେହି ମୋ ଏକା ସାହା ।

- ୦ -

## କ୍ଷୁଦ୍ର

ରୂପାଲୀ ଦାସ
+୩ ତୃତୀୟ ବର୍ଷ

ଗୋଟିଏ ଗୋଟିଏ ଫୁଲକୁ ଗୁନ୍ଥିଲେ
ହୋଇଯାଏ ଫୁଲ ମାଳ ।
ଗୋଟିଏ ଗୋଟିଏ ବରଷା ବୁନ୍ଦାରେ
ନଈ ଛୁଏଁ ଦୁଇକୂଳ ।
ଗୋଟିଏ ଗୋଟିଏ ପଥର ଯୋଡ଼ିକି
ଗଢ଼ା ହେଲା କୋଣାର୍କ ।
ଗୋଟିଏ ଗୋଟିଏ ଶବଦ ଯୋଡ଼ିକି
ଲେଖି ହେବ ଗୀତ ଗପ ।
ଟିକିଏ ଟିକିଏ ମହୁକୁ ସାଇତି
କେତେ ମହୁଫେଣା ହୁଏ ।
ଟିକିଏ ଟିକିଏ ମାଟିରେ କେମିତି
ଉଇ ହୁଙ୍କା ହୋଇଯାଏ
ଗୋଟିଏ ଗୋଟି, ପଇସା ସଞ୍ଚିଲେ
ନିଶ୍ଚେ ହେବ ବଡ଼ଧନୀ ।
ଟିକିଏ ଟିକିଏ ନିଇତି ପଢ଼ିଲେ
ହେବ ଦିନେ ମହାଜ୍ଞାନୀ ।

-୦-

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ବିଷାକ୍ତ ରାଜନୀତି

ପ୍ରଦୀପ ରାଉତ
+୩ ତୃତୀୟ ବର୍ଷ

ଦରକାର ନାହିଁ ଏ ରାଜନୀତି ମୋର
ଦରକାର ନାହିଁ ଏ ରାଜ
ଦରକାର ନାହିଁ ଏ ଟଙ୍କା ପଇସା ମୋର
ଦରକାର ନାହିଁ ଏକାଠି ପାହାର ।
ଏମିତି କ'ଣ ରାଜନୀତି ହୁଏ
ଦେଖି ନାହିଁ କେବେ ମୁହିଁ
ହିଂସା, ବିଦ୍ୱେଷ, ମତରେ
ଚାଲିଥାଏ ପରା ଏହି ।
ଏଥିରେ ପୁଣି ମନ ମାଉଁସ
ମିଳିଥାଏ ସପିସେଣ୍ଟରେ
ଏହି ଲୋଭ, ପ୍ରଲୋଭ ଦେଖାଇ
ଟାଣି ନିଅନ୍ତି ସାଥିରେ ।
ଦରକାର ନାହିଁ ସେ ମାଉଁସ ମୋହର
ଦରକାର ନାହିଁ ସେ ମଦ
ଦରକାର ନାହିଁ ସେ ଭତ୍ତା ମୋର
ଦରକାର ନାହିଁ ସେ ଛାତ ।
ଆମର ଏଇଟା (ଭୋଟ୍) ନାଗରିକତା
ଯାହାକୁ ପାରିବୁ ଦେବୁ
ତରମ କାହିଁକି ଫାଟୁଛି ଏତେ
କହୁଛ ତେବେ ଆମକୁ ।
ଜାଣିଥା ଭାଇ ଏମାନେ ସବୁ
ବହୁରୂପି ଗୋଟେ ଗୋଟେ
କାମ ସରିଲେ ଚାଲନ୍ତୁ ଏଠୁ
ଜାଣି ନାହିଁ ତୁ କିଏ ?
ଆସୁଛିରେ ଭାଇ ଆସୁଛି
ପଞ୍ଚାୟତ ନିର୍ବାଚନ ଆସୁଛି
କେତେଯେ କ'ଣ ଉଡ଼ିଯିବରେ ଭାଇ
ଦେଖୁ ଥିବ ବସିବସି
ଆସିଲାନି ତ ନିର୍ବାଚନ
କେତେଯେ କ'ଣ ଘଟିବ
ଭାଇ ବନ୍ଧୁ କୁଟୁମ୍ବ ମଧ୍ୟରେ
କେତେ ଯେ ବିବାଦ ଉଠିବ
ବାପ, ପୁଅ, ମାଆ, ଝିଅ
ଛିଡ଼ା ହେବେ ଯେ ଏଥିରେ
ଯିଏ .... ଅନ୍ୟପକ୍ଷ
ଲାଗିଯିବ ତାହାର ପଛରେ
ନିର୍ବାଚନ ନୁହେଁତ ଏ ବିବାହର ମଞ୍ଚ
ଆସିବ ସେ ଧାଇଁ ଧାଇଁ
ବନ୍ଧୁ କୁଣିଆଁଙ୍କ ପରିଚାଲିଯିବ
ଛାଡ଼ିଯିବ କଳି କେତେ କାହିଁ
ଆଜି ସେ ଆସିବ କାଲିଚାଲିଯିବ
ବୁଝିପାରନ୍ତି ନାହିଁ ଲୋକେ
କେତେ ଯେ ବିବାଦ ବିବାଇ ସାରିଲେ
ବୁଝିପାରନ୍ତି ସେ ପଛେ

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



## ଜୀବନ ସାଥୀ

ଅପର୍ଣ୍ଣା ଦାଶ
+୩ ତୃତୀୟ ବର୍ଷ (କଳା)

ଜୀବନର ଅଙ୍କାବଙ୍କା ବାଟରେ
ସାଜିଛି ଏକଲା ବାଟୋଇ
ଚାଲି ଚାଲି ଆଜି ଥକି ପଡ଼ିଲିଣି
ତୋ ଫେରିବା ବାଟକୁ ଚାହିଁ
ହୃଦୟର ବତିକେ ଦୀପ ମୁଁ ଜଳାଇ
ଛାତିର ସ୍ପନ୍ଦନେ ଆରତୀ ମୁଁ କରଇ
ଭଲପାଇବାର ପ୍ରତିଛବି ଆଙ୍କି
ଭାବିବସେ ସାଥୀ ତୁମକୁ
କେବେ କାଳେ ସାଥୀ ବୁଝିବ
ଏହି ଅବୁଝା ମନକୁ ।
ପ୍ରୀତିର ରାଇଜେ ମନକୁ ହଜେଇ
ସପନ ଆକାଶେ ତୁମକୁ ଖୋଜରେ
ବାସ୍ତବିକତାକୁ ଭୁଲି
ମୃଦୁମନ୍ଦ ପବନରେ ଏକାନ୍ତ ବାଟରେ
ଏକଲା ଯାଏ ମୁଁ ଚାଲି ।
ଜାଣିହୁଏ ନାହିଁ ଜୀବନ ରାସ୍ତାରେ
କାହିଁକି ଏମିତି ହୁଏ ।
କାହିଁକି କେଜାଣି ସେହିଁ ଅନ୍ତରଙ୍ଗ ସାଥୀ
ଆଜି ଜାଣି ଜାଣି କଷ୍ଟ ଦିଏ ।

- ୦ -

## ବିଶ୍ୱାସ

ଶୁଭଶ୍ରୀ ରାଉତ
+୨ ପ୍ରଥମ ବର୍ଷ (କଳା)

ନାହିଁ ତା'ର ଉତ୍ପତ୍ତି ସ୍ଥଳ
ନାହିଁ ତା ଆଦିଅନ୍ତ
ସେ ମୋର ମନରୁ ଉପୁଜେ
କରେ ମୋ ଭାବନା ଜୀବନ୍ତ
ବିଶ୍ୱାସ ଯେବେ ଉପୁଜେ ମନେ
ଲିପ୍‌ସା ହୁଏ ଜାତି
ଭାବନା ଯାଏ ଗହନେ ଦୂର
ନଯାଇ କିଛି ଆଘାତ ।
ବିଶ୍ୱାସ ପୃଷ୍ଠିରେ ଦୁନିଆ ସୁନ୍ଦର
ଆସାଧ କାର୍ଯ୍ୟ ହୁଏ ଯେ ସାଧିତ
ଜୀବନର ଲକ୍ଷ୍ୟ ରହିଥାଏ ସ୍ଥିର
ଦୁଃଖ ସବୁ ମନେ ଦିଏ ବ୍ୟାଘାତ
ବିଶ୍ୱାସ ଯେବେ ହୁଏ ଖଣ୍ଡନ
ଆତ୍ମବିଶ୍ୱାସ ହରାଏ ମନ
ଜଳ ବିହୁନେ ଯେହ୍ନେ ଝଡ଼
ବିଶ୍ୱାସ ବିନା ଜୀବନ ପାଲଟେ ମୁହୂର୍ତ୍ତୁ ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ବାସ୍ତବ ଜୀବନ

ଅପର୍ଣ୍ଣା ଦାଶ
+୩ ତୃତୀୟ ବର୍ଷ (କଳା)

ସପନ ଦେଖୁଛି ମୁଁ ବାସ୍ତବତାକୁ ଭୁଲି
ଅମୀୟ ସ୍ୱର୍ଗର ସୁଢଳ ଗତିରେ ଜୀବନ
ଯାଉଛି ଚାଲି
ସେହି ବାସ୍ତବତା ଆଜି ଚାହୁଁଛି ପଛକୁ ବୁଲି
ବାରମ୍ବାର କହେ ହେ ଆତ୍ମୀୟତା ? କ'ର ମୁଁ କଲି
ଆତ୍ମୀୟତାର ଅମୀୟ ପରଶ ଉତ୍ତର ଦେଇ କହେ
ଆରେ ବାସ୍ତବ ଚେତନା ଅତୀତ କି ଫେରି ହୁଏ
ବର୍ତ୍ତମାନର ସ୍ୱଛ ଶୀତଳେ ଜୀବନ ତ ଚାଲିଯାଏ
ସେ ଜୀବନ କ'ଣ ଭବିଷ୍ୟତକୁ ଚାହିଁ ରହେ
ଜନମ ମରଣ ଚକରରେ ମାନବ ପ୍ରତିଦିନ
ଘୁରୁଥାଏ
ସେହି ମାନବ କି ଭବଷ୍ୟତକୁ ନେଇ ବଞ୍ଚିଯାଏ
ଆଜି ଯେ ଜନମିଛି କାଲି ସେ ମରିବ
ବଦଳିବ କି ଭାଗ୍ୟରେଖା ।
ଏଇତ ଜୀବନ ଏଇତ ସପନ
ଏଇତ ସୃଷ୍ଟି କର୍ତ୍ତା ଦଇବ ଲେଖା ।

- ୦ -

# ବର୍ଷା

ରଜନୀ ପଣ୍ଡା
+୩ ପ୍ରଥମ ବର୍ଷ (କଳା)

ହେ ବରଷା ତୁମ ଆଗମନେ
ଭରିଯାଏ ମନ ମହା ଆନନ୍ଦରେ
ମହୀ ହୁଏ ଶାନ୍ତ ଆଉ ତୃପ୍ତ
ଚଷାଭାଇ ମନ ହୁଅଇ ଉନ୍ମାଦ
ଗ୍ରୀଷ୍ମର ସେ ନିଦାଘ ଝାଞ୍ଜି
ତୋ ଆଗମନେ ଯାଏ ସତେ ଘୁଞ୍ଚି
ଚାତକ ପରାଏ ଦେଖି ରୂପ ତୋର
ପୁଚ୍ଛ ଟେକି ଆନନ୍ଦରେ ନାଇଚ ମୟୂର
ହସି ଉଠେ ମା ଧରିତ୍ରୀ ପାଇ ତୋ ପରଶ
ସବୁଜିମା ଭରିଯାଏ ଦିଶଇ ଶ୍ୟାମଳ ।
ମନଭୁଲା ଗୀତ ଗାଇ ଉନ୍ମାଦ କୃଷକ
ଲଙ୍ଗଳ କାନ୍ଧରେ ଧରି ଯାଉଥାଏ କ୍ଷେତ
ସାରୁ ବୁଦା ମୂଳେ ବସି ବେଙ୍ଗ ଓ ବେଙ୍ଗୁଲୀ
ସ୍ୱାଗତ କରନ୍ତି କେଁ କଟର କରି
ଆଗମନେ ଭରିଯାଏ କେତେ ଯେ ଆନନ୍ଦ
ବର୍ଣ୍ଣିବାକୁ ଅଧମ ମୁଁ ଅଟେ ବଡ଼ ଅଜ୍ଞ
ତଥାପି ଯୋଡ଼ି ହାତରେ କରୁଛୁ ଜୁହାର
ଆସୁଥାଅ ଏହିପରି ହସୁ ଏ ସଂସାର ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ମାନସିକ ଅଶାନ୍ତିର କାରଣ ଓ ଏହାର ନିରାକରଣ

ଲିପ୍‌ସା ରାଣୀ ନାୟକ
+୩ ତୃତୀୟବର୍ଷ (ବିଜ୍ଞାନ)

ମାନସିକ ଅଶାନ୍ତିର ପ୍ରଥମ କାରଣ ଅଜ୍ଞାନତା ଏବଂ ଦାୟିତ୍ୱ ହୀନତା । ଯେ ପର୍ଯ୍ୟନ୍ତ ବ୍ୟକ୍ତି ନିଜ ଦାୟିତ୍ୱର ମୂଲ୍ୟବୋଧକୁ ଉପଲବ୍ଧି ନକରିଛି । ସେ ପର୍ଯ୍ୟନ୍ତ ତା'ର କର୍ମ ତାକୁ ପ୍ରକୃତ ଶାନ୍ତି ଦେଇପାରିବ ନାହିଁ । କର୍ମ ବା ଦାୟିତ୍ୱ ସେତେବେଳେ ସଂପୂର୍ଣ୍ଣ ହୁଏ ଯେତେବେଳେ ଏହା ତା'ର ମୂଲ୍ୟବୋଧ ସହ ଜଡ଼ିତ ଥାଏ । ଏହି ମୂଲ୍ୟବୋଧକୁ ବୁଝିବା ଏବଂ ସ୍ୱୀକା କରିବା ଏକ ଅଜ୍ଞାନୀ ପକ୍ଷରେ କେବେବି ସମ୍ଭବ ନୁହେଁ । ଅନ୍ୟପକ୍ଷରେ ଜ୍ଞାନ ଆହରଣ କରିବା ଏକ ନୀଚମାନସିକତା ଯୁକ୍ତ ବ୍ୟକ୍ତିପକ୍ଷରେ ସମ୍ଭବ ନୁହେଁ । ଏ ସମସ୍ତ ମାନସିକ ଶାନ୍ତି ସହ ଅଙ୍ଗୀଅଙ୍ଗୀ ଭାବେ ଜଡ଼ିତ । ଶାନ୍ତି ଏକ ଅନୁଭବ । ଏକ ଅନୁଭବର ପ୍ରାପ୍ତି ଏକ କ୍ଷୁଦ୍ର ସଫଳତାର ପ୍ରାପ୍ତି ସହ କେବେବି ଜଡ଼ିତ ନୁହେଁ । ଏଥିପାଇଁ ଆବଶ୍ୟକ ମାନସିକତାରେ ପରିବର୍ତ୍ତନ ଏବଂ ଜ୍ଞାନର ଗଭୀରତା । ଜ୍ଞାନ ଏଠାରେ ତଥାକଥିତ ଶିକ୍ଷାବ୍ୟବସ୍ଥାକୁ ବୁଝାଏ ନାହିଁ । ଏହି ଶିକ୍ଷା ବିଚାରଶକ୍ତିକୁ ଗଭୀର କରାଇପାରେ । କିନ୍ତୁ ଶିକ୍ଷା ଯଦି ନିଜ ମୂଲ୍ୟବୋଧକୁ ଜାବୁଡ଼ିଧରି ଆଗେଇଚାଲେ ତେବେ ଏହା ମାନସିକତାରେ ପରିବର୍ତ୍ତନ ଆଣିବାକୁ ଦେବୀ ଶକ୍ତି ଭଳି କାମଦିଏ । ମାତ୍ର ପରିତାପର ବିଷୟ ଆଜି ସର୍ବତ୍ର ଶିକ୍ଷା ନିଜର ମୂଲ୍ୟବୋଧକୁ ହରାଇ ବସିଛି । ପରିବର୍ତ୍ତନ ବୋଲି ଆଜି ସାଧାରଣ ଲୋକେ ଯାହା ବୁଝନ୍ତି ତାହା ଅଶିକ୍ଷାର ଅନ୍ୟରୂପ ବ୍ୟତୀତ କିଛି ନୁହେଁ । ଶିକ୍ଷାର ମୂଲ୍ୟବୋଧକୁ ବୁଝିବାକୁ ହେଲେ ଆମକୁ ପ୍ରଥମେ ଏହାର ମୂଲ୍ୟବୋଧ ସଂପର୍କରେ ଜାଣିବାକୁ ହେବ । ଶିକ୍ଷା ସଂକୀର୍ଣ୍ଣ ସ୍ୱାର୍ଥ ସିଦ୍ଧିର ଏକ ମାଧମ ନୁହେଁ । ଏହା ବିଶ୍ୱସ୍ୱାର୍ଥ ସିଦ୍ଧିରେ ବିନିଯୋଗ ହେବା ଉଚିତ୍ । ତେବେ ବିଶ୍ୱସ୍ୱାର୍ଥ କ'ଣ ?

ଏହା ଏପରି ଏକ ସ୍ୱାର୍ଥ ଯାହା ମାନବିକତା ଏବଂ ନୈତିକତା ସୀମା ଅତିକ୍ରମ କରେ ନାହିଁ । ଯାହା ସମଗ୍ର ବିଶ୍ୱପାଇଁ ମଙ୍ଗଳମୟ ।

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



ଶିକ୍ଷା ଏପରିଭାବରେ ବିନିଯୋଗ ହେବାଉଚିତ୍ ଯେପରି ଏହା ସଂକୀର୍ଣ୍ଣ ସ୍ୱାର୍ଥର ପରିଧିଭିତରୁ ବାହାରି ମାନବଜାତିର ଭବିଷ୍ୟତ ଉଜ୍ଜ୍ୱଳ କରିବ । ଶିକ୍ଷାର ସ୍ୱାର୍ଥକୁ ଚିରିତାର୍ଥ କରିବାକୁ ହେଲେ ବ୍ୟକ୍ତିସ୍ୱାର୍ଥକୁ ବିଶ୍ୱସ୍ୱାର୍ଥ ସହ ମିଳିତ କରାଇବାକୁ ହେବ । ବ୍ୟକ୍ତିସ୍ୱାର୍ଥର ଆବଶ୍ୟକତା ରହିଛି ନିଶ୍ଚୟ । ତେବେ ଏହି ଆବଶ୍ୟକତା ମାତ୍ରାଧିକ ହେଲେ ମନୁଷ୍ୟ ସ୍ୱାର୍ଥପର ହେଇଯାଏ । ଏହି ସ୍ୱାର୍ଥପରତା ମାନବିକତାର ଶ୍ରେଷ୍ଠ ଶତ୍ରୁ । ଆଉ ଯେଉଁଠି ମାନବଚେତନା ସୁପ୍ତ ସେଠି ଶାନ୍ତି ବା ରହିବ କିପରି ? ମିଥ୍ୟା ସନ୍ତୋଷ ଯେ କ୍ଷଣସ୍ଥାୟୀ ! ଆମ ଜୀବନ ଅନେକ ଏପରି କ୍ଷଣସ୍ଥାୟୀ ଭାବର ସମାହାର । ଏପରି ସନ୍ତୋଷ ପ୍ରତି ରୁଚି ରଖୁଥିବା ମନୁଷ୍ୟ ନିଜ କର୍ତ୍ତବ୍ୟ ପଥରେ କେବେବି ଦୃଢ଼ ରହିପାରେନା । ଏହି କ୍ଷଣସ୍ଥାୟୀ ଭାବ ପ୍ରତି ଭ୍ରୁକ୍ଷେପ ନକରି ଯେ କର୍ତ୍ତବ୍ୟ ପଥରେ ଦୃଢ଼ ରହିପାରେ ସେହିଁ ଜିଜ୍ଞାସୁ ବୋଲାଏ ସେହିଁ ମାନସିକ ଶାନ୍ତିର ପ୍ରକୃତ ଅଧିକାରୀ । ତେବେ ଏକ ଦୃଢ଼ମନାର ଭାବ ମନରେ ସହଜେତ ଆସେନାହିଁ । ଏହା ସମ୍ଭବ ଯେବେ ଶିଶୁ ବୟସରୁ ହିଁ ସେମାନଙ୍କୁ ସମସ୍ତପ୍ରକାର ନୀଚଭାବନାରୁ ମୁକ୍ତ ରଖାଯାଏ । ନିଜର ମାନସିକତାକୁ ଶିଶୁର କୋମଳ ମନରେ ଚାପିନଦେଇ ବରଂ ତାକୁ ସ୍ୱୟଂ ଭାବିବାର ଅବସର ଦିଆଯିବା ଉଚିତ୍ । ତେବେ ଯାଇ ବାସ୍ତବିକ ମାନସିକ ବିକାଶ ସମ୍ଭବ ।

ଅବଶେଷରେ ବର୍ତ୍ତମାନ ସମୟ ହିଁ ସର୍ବଶ୍ରେଷ୍ଠ ସମୟ । ଏ ପୃଥିବୀ କ୍ଷଣ କ୍ଷଣକେ ବଦଳିଯାଏ । ପରିବର୍ତ୍ତନ ବିଶ୍ୱର ଅପରିବର୍ତ୍ତନୀୟ ନିୟମ । ବର୍ତ୍ତମାନ ମଧ ବଦଳୁଛି । ବର୍ତ୍ତମାନ ହାତରେ ହିଁ ଭବିଷ୍ୟତର ଚାବିକାଠି । ବର୍ତ୍ତମାନକୁ ଉପଯୁକ୍ତ କରି ଗଢ଼ିତୋଳିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ନିଶ୍ଚୟ । କାଳକୁ ଅପେକ୍ଷା କରିବାକୁ ଯାଇ କର୍ତ୍ତବ୍ୟକୁ ଉପେକ୍ଷା କରାଯାଇପାରେନା । କର୍ତ୍ତବ୍ୟର ଯଥାସାଧ ପାଳନ ହିଁ ମାନସିକ ଅଶାନ୍ତିର ବିନାଶକାରିଣୀ । ଜୀବନକୁ ନେଇ ସ୍ୱପ୍ନ ଦେଖିଲେ ସ୍ୱପ୍ନର ବିଫଳତା ସହ ଅଶାନ୍ତି ତ ବଢ଼ିବ । ତେଣୁ କେବଳ ଜୀବନକୁ ସ୍ୱପ୍ନ ଦେଖିଲେ ଚଳିବ ନାହିଁ ସ୍ୱପ୍ନକୁ ଜୀବନ ଗଢ଼ିବାକୁ ହେବ । ଆମ ସ୍ୱପ୍ନର ସମାଜ କର୍ତ୍ତବ୍ୟର ମୂଳଦୁଆ ଉପରେ ପ୍ରତିଷ୍ଠିତ । ଏହି କର୍ତ୍ତବ୍ୟ ହିଁ ଶାନ୍ତିର ମୂଳମନ୍ତ୍ର । ଗୋଟିଏ ବାକ୍ୟରେ କହିଲେ Duty is God and so do your duty ।

- ୦ -

Edited with the trial version of Foxit Advanced PDF Editor
To remove this notice, visit: www.foxitsoftware.com/shopping



# ବାପା

ବିଭୁଦତ୍ତ ନାୟକ
+୩ ତୃତୀୟ ବର୍ଷ (କଳା)

"ବାପା" ମାତ୍ର ଦୁଇଟି ଅକ୍ଷରର ଶବ୍ଦ । ହେଲେ ଏହି ଶବ୍ଦର ମହତ୍ତ୍ୱ ବୁଝିବା ଅନେକଙ୍କ ପାଇଁ ସମ୍ଭବ ନୁହେଁ । ଏହି ଶବ୍ଦରେ ଲୁଚି ରହିଥାଏ କେତେଯେ ତ୍ୟାଗ, ସ୍ନେହ, ଯତ୍ନ ଓ ଭଲ ପାଇବା । ଦୁନିଆର ଆଖିକୁ ସବୁବେଳେ "ମାଆ"ର ତ୍ୟାଗ, ଯତ୍ନ, ଭଲପାଇବା ଦେଖାଯାଏ । ମାତ୍ର ଦେଖାଯାଏ ନାହିଁ ବାପାର ଭୂମିକା । ଜାଣିଛ କାହିଁକି ଦେଖାଯାଏ ନାହିଁ । କାରଣ ଯେପରି ପୁରାଣମତରେ ଭଗବାନଙ୍କୁ ଦେଖିବାକୁ ହେଲେ ଦିବ୍ୟ ଚକ୍ଷୁର ଆବଶ୍ୟକ ଠିକ୍ ସେହିପରି ଏହି କ୍ଷେତ୍ରରେ ମଧ ଏହା ହେଇ ଥାଏ । ଆଜି କିଛିତ ଲେଖିବି ଏହି ପରମ ପୁରୁଷଙ୍କ ତ୍ୟାଗ ବିଷୟରେ ।

"ବାପା" ସଂଘର୍ଷର ଝଡକୁ ସାମ୍ନା କରିପାରୁଥିବା ପାଚେରୀଟିଏ ସେ । ସମସ୍ୟା ସହ ଲଢି ପାରୁଥିବା ଖଡ୍ଗଟିଏ ସେ । ଯାହାର କାନ୍ଧରେ ସଂସାର ଝୁଲି ରହିଥାଏ । ସେ ହେଉଛନ୍ତି "ମୋ ବାପା"

ମନୁଷ୍ୟ ସମାଜକୁ ସବୁବେଳେ ଦେଖାଯାଏ "ମାଆ"ର ମହାନତା, ହେଲେ ଦେଖାଯାଏ ନାହିଁ ଯେ, "ବାପା"ର ଛତ୍ରଛାୟା ତଳେ ଏହି "ମାଆ" ବି ଆଶ୍ରୟ ନେଇଥାଏ । ଦୁନିଆକୁ ଦେଖାଯାଏ "ମାଆ" ପିଲାକୁ ୯ମାସ ପେଟରେ ରଖିଥାଏ, ହେଲେ ଏହି ଦୁନିଆ ଆଖିକୁ ଦେଖାଯାଏ ନାହିଁ ଯେ, "ପିଲାର ଜନ୍ମ ପରେ ବାପାର ମସ୍ତିକରେ ପିଲା ସାରା ଜୀବନ ପାଇଁ ସ୍ଥାନ ନେଇଯାଇଥାଏ । କାହାକୁ ଦେଖାଯାଏନାହିଁ । "ବାପା"ର ତ୍ୟାଗ ପିଲାର ସଠିକ୍ ଲାଳନ ପାଳନ ପାଇଁ । ଆଉ ଦେଖାଯାଏ ନାହିଁ ପିଲାମାନଙ୍କ ପାଇଁ ବାପାର ହାଡ଼ଭଙ୍ଗା ପରିଶ୍ରମ । ଦେଖାଯାଏ ନାହିଁ କାହାକୁ ଯେ, "ବାପା" ପିଲାର ଉନ୍ନତ ଓ ସୁନ୍ଦର ଭବିଷ୍ୟତ ଗଢିବା ପାଇଁ କେତେ ଚିନ୍ତାରେ ଥାନ୍ତି । ବାପାଙ୍କର ଅଧା ଜୀବନ ଏହି ଚିନ୍ତାରେ ହିଁ କଟିଯାଇଥାଏ । "ମୋ ବାପା" ହେଉଛନ୍ତି ଦୁନିଆର ଏମିତି ଏକ ଧନୀ ପୁରୁଷ, ଯାହା ପାଇଁ ପରିବାରର ସମସ୍ତଙ୍କ ପାଇଁ ଟଙ୍କା ଥାଏ । ମାତ୍ର ନିଜର ଆବଶ୍ୟକତା ପୂରଣ କରିବାକୁ ଟଙ୍କା ନଥାଏ । "ବାପା"ଙ୍କର କ'ଣ କେବେ ଇଚ୍ଛା ହୁଏ ନାହିଁ ଭଲ ପୋଷାକଟେ ପିନ୍ଧିବା ପାଇଁ ବାହାରେ କିଛି ଭଲ ଖାଦ୍ୟ ଖାଇବା ପାଇଁ । ହେଲେ କାଳେ କୋଉଠି ନିଜ ସନ୍ତାନର ଭରଣ ପୋଷଣରେ ଉଣା ରହିଯିବ ସେଥିପାଇଁ ସେହିଁ "ବାପା" ନିଜର

Edited with the trial version of Foxit Advanced PDF Editor
To remove this notice, visit: www.foxitsoftware.com/shopping



ଖୁସିକୁ ପିଲାମାନଙ୍କ ପାଇଁ ଜଳାଞ୍ଜଳୀ ଦେଇଦିଅନ୍ତି । "ବାପା" ନିଜ ସନ୍ତାନର ଉନ୍ନତ ଭବିଷ୍ୟତ ପାଇଁ ନିଜର ସବୁକିଛି ତ୍ୟାଗ କରିଦିଅନ୍ତି । "ବାପା" ଏକ ଆଲୋକରଶ୍ମି ସଦୃଶ ସନ୍ତାନକୁ ଅନ୍ଧାର ଦୁନିଆରୁ ବାଟ କଢାଇ ନିଅନ୍ତି ଏକ ସୁନ୍ଦର ଓ ଆଲୋକିତ ଭବିଷ୍ୟତ ଆଡକୁ ।

ପିଲାଯେବେ ଛୋଟବେଳେ ବାପାଙ୍କ ସାଙ୍ଗରେ ମନ୍ଦିରକୁ ଯାଉଥାଏ । ମାତ୍ର ମନ୍ଦିରରେ ଭିଡ଼ଯୋଗୁଁ ଭଗବାନଙ୍କୁ ଦର୍ଶନ କରିବା ପିଲା ପକ୍ଷରେ ସମ୍ଭବ ହେଇନଥାଏ । ସେତେବେଳେ ତା' ବାପା ତାକୁ ନିଜ କାନ୍ଧରେ ବସାଇ ମନ୍ଦିରର ଭଗବାନଙ୍କୁ ଦର୍ଶନ କରାଇଥାନ୍ତି । ମାତ୍ର ସେହି ଅବୋଧ ପିଲାଟି ଜାଣି ପାରିନଥାଏ ଯେ, ଯାହା କାନ୍ଧରେ ବସି ସେ ପଥରର ଭଗବାନଙ୍କୁ ଦର୍ଶନ କରୁଛି । ସେହି ଲୋକ ହିଁ ତା'ର ପ୍ରକୃତ ଭଗବାନ । ତା'ବାପା ସେ ମନ୍ଦିରର ପଥର ନୁହେଁ । ଦୁନିଆର ପ୍ରକୃତ ସତ୍ୟ "ବାପା" ।

"ପିତା ସ୍ୱର୍ଗ,
ପିତା ଧର୍ମ, ପିତା ହିଁ ପରମ ତପ ।
ପିତରି ପ୍ରିତିମା ପର୍ନ୍ନେ,
ପ୍ରିୟନ୍ତି ସର୍ବ ଦେବତା" ।

ଶେଷରେ ସେହି ପରମ ପୁରୁଷଙ୍କ ପାଇଁ ଗୋଟେ ସାୟରୀ ।

"ପିତା ରୋଟି ହୈ, କପଡ଼ା ହୈ, ମକାନ୍ ହୈ,
ପିତା ନହ୍ନେ ସେ ପରିଯେକା ବଡ଼ା ଆଶ୍ମାନ ହୈ ।
ପିତା ହୈ ତୋ ଘର୍ ମେ ପ୍ରତିଫଳ ରାଗ ହୈ,
ପିତା ସେ ହି ମାଆ କା ଚୁଡ଼ି, ସିନ୍ଦୁର, ସୁହାର ହୈ ।
ପିତା ହୈ ତୋ ବଚେକା ସାରେ ସପ୍ନେ ହୈ,
ପିତା ହୈ ତୋ ବଜାର ଏକ ସାରେ ଖିଲୋନୀ ଆପ୍‌ନାହୈ ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ନାଗରିକତା ସଂଶୋଧନ ଆଇନ - ୨୦୧୯

ସୂର୍ଯ୍ୟପ୍ରକାଶ ପାତ୍ରୀ
+୩ ପ୍ରଥମବର୍ଷ (କଳା)

ନାଗରିକତା ସଂଶୋଧନ ଆଇନ୍ ଏହା ଲୋକସଭାରେ ଏହା ୯ ଡିସେମ୍ବର ୨୦୧୯ରେ ଏହା ପରିଣତ ହୋଇଥିଲା । ଏହା ପରେ ଡିସେମ୍ବର ୧୨ ତାରିଖରେ ରାଷ୍ଟ୍ରପତିଙ୍କର ହସ୍ତାକ୍ଷର ହେବା ପରେ ଏହା ଏକ କାନୁନ୍‌ରେ ପରିଣତ ହେଲା ଏବଂ ଏହାପରେ ଏହା ହୋଇଗଲା ଏକ ଆସନ (Citizenship Amendment Act (CAA) 2019) । ଏହି ଆଇନ୍ ବଳରେ ପାକିସ୍ଥାନ, ବାଙ୍ଗାଲାଦେଶ, ଆଫଗାନିସ୍ଥା ସେଠାରେ ରହୁଥିବା ଅଳ୍ପସଂଖ୍ୟକ ଯେଉଁମାନଙ୍କ ସହିତ ଧାର୍ମିକ ପ୍ରତାରଣା ହେଉଛି କିମ୍ବା ଯେଉଁମାନେ ୩୧ ଡ଼ିସେମ୍ବର ୨୦୧୪ରେ କିମ୍ବା ତାଠୁ ଆଗରୁ ଭାରତରେ ରହୁଥିବେ କିମ୍ବା ସେମାନଙ୍କୁ ପ୍ରତାରିତ କରି ବିଦା କରିଦିଆଯାଇଥାଏ ସୋମନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରିବା ପାଇଁ ଏହି ଆଇନରେ ପ୍ରବିଧାନ ରହିଛି ।

ଏହି ଆଇନ ଭାରତରେ ବାସ କରୁଥିବା ଭାରତୀୟ ନାଗରିକ କିମ୍ବା ଯେକୌଣସି ଧର୍ମର ଲୋକମାନଙ୍କର ନାଗରିକତ୍ୱ ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ । ତେଣୁ କରି ଏହି ପ୍ରସଙ୍ଗ ଉପରେ ଦେଶରେ ଏକ ପ୍ରକାରର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଛି । ଯାହାର ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଅଟେ । ତେଣୁ କରି ଏହି ଆଇନ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଅଟେ । ସମସ୍ତେ ଏହାର ସମର୍ଥନ କରିବା ଆବଶ୍ୟକ । ଏହି ଆଇନ କୌଣସି ଧର୍ମର ବ୍ୟକ୍ତିଙ୍କୁ କ୍ଷତି ପହଁଞ୍ଚାଇବା ଏହାର ଲକ୍ଷ୍ୟ ନୁହେଁ । ତେଣୁ କରି ଆମେ ସମସ୍ତେ ଦେଶ ବାସୀ ଏକ ସ୍ୱରରେ ଏକାଠି ହୋଇ ଏହାର ସମର୍ଥନ ଆମର କର୍ତ୍ତବ୍ୟ ଅଟେ ଓ ନିଜକୁ ଦଙ୍ଗା, ଗଣ୍ଡଗୋଳ ଇତ୍ୟାଦି ଅପ୍ରିତିକର ଘଟଣାରୁ ଦୁରେଇ ରଖିବା ଅତ୍ୟନ୍ତ ଜରୁରୀ ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ବିରଜା କ୍ଷେତ୍ର ଯାଜପୁର

ଭାଗ୍ୟଲିପି ପଣ୍ଡା
+୩ ତୃତୀୟବର୍ଷ (କଳା)

ସମଗ୍ର ଭାରତବର୍ଷରେ ଯେତେ ପ୍ରସିଦ୍ଧ ଓ ପ୍ରମୁଖ ତୀର୍ଥସ୍ଥାନ ବିଦ୍ୟମାନ ଅଛି । ତନ୍ମଧ୍ୟରୁ ସ୍ୱୟଂ ବ୍ରହ୍ମଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ପବିତ୍ର ସ୍ଥାନ 'ବିରଜାକ୍ଷେତ୍ର' ଅଦ୍ୱିତୀୟ ଓ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ଏହି ପବିତ୍ର ବିରଜାକ୍ଷେତ୍ରର ପରିଦର୍ଶନ ଓ କରୁଣାମୟୀ ମା' ବିରଜାଙ୍କର ଦର୍ଶନ ମାତ୍ରକେ ମନୁଷ୍ୟର ସାତଜନ୍ମର ପାପ ସଂହାର ହୋଇଥାଏ । ତା'ର ସ୍ୱର୍ଗପ୍ରାପ୍ତି ହୋଇଥାଏ । ଏବଂ ଭକ୍ତଟିକୁ ଜନ୍ମ ମୃତ୍ୟୁ ବନ୍ଧନରୁ ମଧ୍ୟ ମୁକ୍ତି ମିଳିଥାଏ । ଓଡ଼ିଶାର ଅଷ୍ଟ ଶକ୍ତିପୀଠ ପୁରାଣ ପ୍ରସିଦ୍ଧ ଅଟେ । ସେହି ଶକ୍ତିପୀଠ ଗୁଡ଼ିକରେ ଝଙ୍କଡ଼ରେ ମା' ସାରଳା, ବାଙ୍କିରେ ମା' ଚର୍ଚ୍ଚିକା, ବାଣପୁରରେ ମା' ଭଗବତୀ, କକଟ ପୁରରେ ମା' ମଙ୍ଗଳା, ଶ୍ରୀକ୍ଷେତ୍ରରେ ପୁରୀରେ ମାଆ ବିମଳା, କଟକରେ ମା କଟକଚଣ୍ଡୀ, ତାଳଚେରରେ ମା' ହିଙ୍ଗୁଳା ଓ ଯାଜପୁରରେ ମା' ବିରଜା ଅଧିଷ୍ଠିତ, ତନ୍ମଧ୍ୟରୁ ଯାଜପୁରରେ ଅବସ୍ଥିତ ମା' ବିରଜାଙ୍କ ପୀଠ ଅନନ୍ୟ ଅଟେ ।

ଅତୀତରେ ଯାଜପୁର ବୌଦ୍ଧପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଥିଲା । ଯାଜପୁରର ରତ୍ନଗିରୀ ଓ ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ଅନେକ ବୌଦ୍ଧ କୀର୍ତ୍ତି ମଧ୍ୟ ଏବେ ଆବିଷ୍କୃତ ହେଉଛି । ଯାଜପୁରରେ ମୁସଲମାନ ମାନଙ୍କର ମସ୍‌ଜିଦ୍ ମଧ୍ୟ ରହିଛି । ଏହିପରି ବିଭିନ୍ନ ପ୍ରମାଣ ଓ ତଥ୍ୟ ରହିଛି ଯେଉଁଥିରୁ ଜଣାଯାଏ । ଯାଜପୁର ଏକ ସର୍ବ ଧର୍ମ ସମନ୍ୱୟର ପୀଠ ଅଟେ । ଯାଜପୁରର ଉନ୍ନତ କଳାକୃତି ଭାବରେ 'ଚଣ୍ଡେଶ୍ୱର' ଗ୍ରାମରେ ଏକ ଶୁଭସ୍ତମ୍ଭ ବିରଜାମାନ । ରାଜା ଯଯାତି କେଶରୀଙ୍କର ରାଜତ୍ୱର କାଳରେ ଏହି ଶୁଭସ୍ତମ୍ଭଟି ନିର୍ମାଣ କରିଥିଲେ । ଏଣୁ ଏହି ଶୁଭସ୍ତମ୍ଭଟି ତାଙ୍କ ବିଜୟର କୀର୍ତ୍ତିର ପରିଚୟ ପ୍ରଦାନ କରିଥାଏ । ଅନେକ ବିଧର୍ମୀ ଲୋକ ମଧ୍ୟ ଏହି ସ୍ତମ୍ଭଟିକୁ ଧ୍ୱଂସ କରିବାକୁ ପ୍ରଚେଷ୍ଟା କରି ମଧ୍ୟ ତାକୁ ଧ୍ୱଂସ କରିବାରେ ସଫଳ ହୋଇପାରିନଥିଲେ ।

ମା' ବିରଜା ଦେବୀଙ୍କର ମୂର୍ତ୍ତିଟି ଏକ କୃଷ୍ଣ ବର୍ଣ୍ଣର ଚିକ୍‌ଚିକ୍ ମୁଗୁନି ପ୍ରସ୍ତର ସଦୃଶ ପରିଦୃଶ୍ୟ । ଏହି ମୂର୍ତ୍ତିଟି ମା'ଙ୍କର ପ୍ରାୟ ୩.୫ଫୁଟ (ଅନୁମାନ) ଅଟେ। ମା' ବିରଜା ଦ୍ୱିଭୁଜା ଓ ସିଂହବାହିନୀ । ମା'

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



ବିରଜା ମହିଷମର୍ଦ୍ଦିନୀ ଦେବୀ ରୂପେ ଭକ୍ତଙ୍କ ସମ୍ମୁଖରେ ଆଶ୍ୱିନ ମାସ ଅମାବ୍ୟାସ୍ୟା ପରେ ପ୍ରତିପଦ ତିଥି ଠାରୁ ନବମୀତିଥି ପର୍ଯ୍ୟନ୍ତ ପୂଜାପାଆନ୍ତି । ମା ବିରଜାଙ୍କର ନବରାତ୍ରୀରେ ମହିଷ ବଳୀ ମଧ ଦିଆଯାଉଥାଏ । ମା' ବିରଜାଙ୍କର ରଥଯାତ୍ରା ମଧ ପାଳିତ ହୁଏ । ମାଆ ବିରଜାଙ୍କର ରଥର ନାମ ସିଂହଧ୍ୱଜ । ଏହା ହିଁ ଏହି ପୀଠର ତାତ୍ପର୍ଯ୍ୟ ଅଟେ । ଓଡ଼ିଶାର ଶ୍ରୀକ୍ଷେତ୍ରରେ ଅଧିଷ୍ଠିତ ଜଗନ୍ନାଥଙ୍କର ନାମାନୁସାରେ ସାରା ଓଡ଼ିଶାରେ ଜଗନ୍ନାଥ ପଞ୍ଜିକା ଅନୁସାରେ ପୂଜାପର୍ବପାଳନ କରାଯାଏ । କିନ୍ତୁ ଯାଜପୁରରେ ବିରଜା ମା'ଙ୍କ ନାମାନୁସାରେ 'ବିରଜା ପଞ୍ଜିକା' ରହିଛି । ଏହା ହିଁ ଯାଜପୁର ଜିଲ୍ଲାର ବିଶେଷତ୍ୱ ଅଟେ । ଏହି ପବିତ୍ର କ୍ଷେତ୍ରର ଏକ ପୌରାଣିକ ବିଶେଷତ୍ୱ ରହିଛି । ଗୟାସୁର କଠୋର ତପସ୍ୟା କରି ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରାଇ ବରପ୍ରାପ୍ତି କରିଥିଲା । ଭକ୍ତ ବଳରେ ବଳିୟାନ୍ ହୋଇ ସେ ତ୍ରିପୁରକୁ ନିଜେ କାରାୟତ କରି ରଖିଥିଲା । ପରେ ତା'ର ଅତ୍ୟାଚାର ସହ୍ୟ ନକରି ପାରି ଭଗବାନ ବିଷ୍ଣୁ ତାକୁ ବଧ କରିଥିଲେ । ଗୟାସୁରର ମସ୍ତକ ବିହାର ରାଜ୍ୟର ଫଲଗୁ ନଦୀତଟରେ ପଡିବାରୁ ସେହି ସ୍ଥାନଟି ପବିତ୍ର 'ଶିରୋଗୟାକ୍ଷେତ୍ର' ଭାବରେ ପ୍ରସିଦ୍ଧି ଲାଭ କଲା । ଗୟାସୁରର ପାଦ ଦକ୍ଷିଣ ଭାରତର ରାଜମହେନ୍ଦ୍ରୀ ସନ୍ନିକଟ ଗୋଦାବରରୀ ନଦୀ ତଟରେ ପଡ଼ିବାରୁ 'ପାଦଗୟାତୀର୍ଥ' ଭାବରେ ପ୍ରସିଦ୍ଧି ଲାଭ କଲା । ଗୟାସୁରର ନାଭି ବୈତରଣୀ ନଦୀ ତଟରେ ଥିବା ବିରଜା କ୍ଷେତ୍ରର ଐଶାନ କୋଣରେ ପଡିବାରୁ ତାହା 'ନାଭିଗୟାତୀର୍ଥ' ନାମରେ ପ୍ରସିଦ୍ଧି ଲାଭ କଲା । ଏହି ବିରଜା କ୍ଷେତ୍ରରେ ନାଭିଗୟାଟି ରହିଛି । ଲୋକମାନେ ପିତୃପିଣ୍ଡ ଓ ମହାଳୟା ପିଣ୍ଡକୁ ଏହି ବିରଜା କ୍ଷେତ୍ରରେ ନେଇ ପକାଇଥାନ୍ତି । ଏହି ପିତୃପିକ୍ତ ଦାନ ପରେ ବ୍ରାହ୍ମଣ ପରାମର୍ଶ କ୍ରମେ କଦଳୀ ପତ୍ରରେ ଥିବା ପିଣ୍ଡକୁ ନେଇ ନାଭିଗୟାରେ ଲୋକମାନେ ବିସର୍ଜନ କରନ୍ତି । କାରଣ ଏହି ପିତୃ ପୁରୁଷଙ୍କୁ ଦିଆଯାଇଥିବା ପିଣ୍ଡ ଯାଇ ଗଙ୍ଗାରେ ବାହାରେ । କାରଣ ଏହି ନାଭିଗୟାଟି ଯାଜପୁରରୁ ଆରମ୍ଭ ହୋଇ ଏକ ସୁଡଙ୍ଗ ସଦୃଶ ଯାଇ ଗଙ୍ଗା ନିକଟରେ ବାହାରିଛି । କାରଣ ଏହା ଶାସ୍ତ୍ର ସମ୍ମତ ଅଟେ ଯେ, ନାଭିଗୟାରେ ପିଣ୍ଡଦାନ କଲେ ସପ୍ତପୁରୁଷ ଉଦ୍ଧାର ହୋଇଥାନ୍ତି ।

ମା' ବିରଜାଙ୍କର ମୁଖାରବିନ୍ଦ ଦର୍ଶନ କରିବା କ୍ଷଣି କୋଟି ଜନ୍ମର ପାପରୁ ମୁକ୍ତି ମିଳିଥାଏ । ଲକ୍ଷ ଲକ୍ଷ ଭକ୍ତ ଗଣ ଏହି ପବିତ୍ର ଧର୍ମପୀଠକୁ ଦର୍ଶନ କରିବା ନିମନ୍ତେ ଆଗମନ କରିଥାନ୍ତି । କପିଳ ସଂହିତାରେ ବର୍ଣ୍ଣିତ ଅଛି ଯେ, ଦଶ ସହସ୍ର ବର୍ଷ କାଶୀଧାମରେ ବାସ କରି କାଶୀ ବିଶ୍ୱନାଥଙ୍କର ପୂଜାର୍ଚ୍ଚନା କରିବା ହେତୁ ଯେତିକି ପୁଣ୍ୟ ଫଳ ପ୍ରାପ୍ତ ହୋଇଥାଏ । ଜନ୍ମ ନକ୍ଷତ୍ର ଉତ୍ସବରେ ଥରେ ମାତ୍ର ମା' ବିରଜା ଦେବୀଙ୍କର ଦର୍ଶନରେ ଭକ୍ତଜନ ସେତିକି ପୁଣ୍ୟଫଳ ପ୍ରାପ୍ତ କରିଥାଏ । ତେଣୁ ଦୟାମୟୀ, କରୁଣାମୟୀ,

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



ପାପବିନାଶିନୀ, ଶତ୍ରୁସଂହାରିଣୀ, ମା' ବିରଜା ଯୁଗ ଯୁଗ ଧରି ଧରାଧାମକୁ ଅଭୟ ପ୍ରଦାନ କରିଆସୁଛନ୍ତି ଏବଂ କରୁଥିବେ ମଧ। ଯାଜପୁର ଜିଲ୍ଲାକୁ ରକ୍ଷା କରିଆସିଛନ୍ତି। କରୁଣାମୟୀ ବିନ୍ଧ୍ୟବାସିନୀ ପାପବିନାଶୀ, ଦୁଃଖନାସିନୀ, କ୍ଲୀବବୀଜ ମନ୍ତ୍ରରେ ପୂଜିତା। ମା' ଶକ୍ତି ସ୍ୱରୂପିଣୀ ଅଭୟଦାୟିନୀ ଅଯୋନୀ ସଂଭୂତା ମା' ବିରଜାଙ୍କ ପାଦପଦ୍ମରେ କୋଟି କୋଟି ପ୍ରଣତି।

- ୦ -

# ବାପା

ସଂଗ୍ରାମ କୁମାର ଯେନା
+୩ ଦ୍ୱିତୀୟବର୍ଷ (କଳା)

ବାପା ଶବ୍ଦଟି ସମସ୍ତେ ଉଚ୍ଚାରଣ କରିବାକୁ ଯଥେଷ୍ଟ ସାହାସ ଖୋଜନ୍ତି ନିଶ୍ଚୟ। କାରଣ ସନ୍ତାନ ଯେତେ ପ୍ରିୟ ତଥା ଯେତେ ଦୁଷ୍ଟ ଦେଲେ ମଧ ସେ ବାପାଙ୍କ ପାଖରେ ସର୍ବଦା ନମ୍ର ଓ ଉଦ୍ର ଆଚରଣ କରିଥାଏ। ଦୁନିଆରେ ଅଧିକାଂଶ ବ୍ୟକ୍ତି ମା'ଙ୍କ ବିଷୟରେ ଲେଖିବାକୁ ତଥା କହିବାକୁ ଭଲ ପାଉଥିବା ବେଳେ ମାତ୍ର କେତେଜଣ ବାପାଙ୍କ ବିଷୟରେ ଲେଖିଥାନ୍ତି।

ମା' ସନ୍ତାନ ଯେତେ ଦୁଷ୍ଟ ହେଲେ ତା'ର ଦୋଷ ସବୁବେଳେ ଲୁଚେଇବାକୁ ଚେଷ୍ଟା କରିଥାଏ। ସ୍ନେହର ସାଗରରେ ସେ ନିଜର ପିଲାର ଦୋଷକୁ ଘୋଡ଼ାଇ ଦେଇଥାଏ। କିନ୍ତୁ ବାପା ଶାସନର ପ୍ରଥାରେ ତାକୁ ଶାସିତ କରିବାକୁ ପଛଘୁଞ୍ଚା ଦେଇନଥାନ୍ତି। ଏଥିପାଇଁ ନୁହଁ ଯେ ତା' ପିଲାକୁ କଷ୍ଟ ଦେବାପାଇଁ ବରଂ ତା'ର ଭୁଲ୍‌କୁ ସୁଧାରିବା ପାଇଁ ତଥା ଉଚିତ୍ ମାର୍ଗକୁ ଆଣିବା ପାଇଁ।

ବାପା ସବୁବେଳେ ଅହରହ ସ୍ୱପ୍ନ ଦେଖିଥାନ୍ତି ନିଜର ସନ୍ତାନକୁ ଅନ୍ଧାରରୁ ଆଲୋକକୁ ଆଣିବାପାଇଁ। ସବୁବେଳେ ନିଜର ଜୀବନର ପ୍ରତି ମୁହୂର୍ତ୍ତକୁ କୌଣସି କାର୍ଯ୍ୟରେ ଲିପ୍ତ କରି ଅର୍ଥ ଯୋଗାଡ଼ କରି ସନ୍ତାନର ଖାଦ୍ୟ, ବସ୍ତ୍ର ଠାରୁ ଆରମ୍ଭ କରି ସମସ୍ତ ଆବଶ୍ୟକୀୟ ପଦାର୍ଥର ଭରଣପୋଷଣ କରିବାପାଇଁ। ଘରର ମେରୁଦଣ୍ଡ ସଦୃଶ ସବୁବେଳେ ପୁଅ ଝିଅଙ୍କ ଖୁସି ଦେଖିବାକୁ ସେ ଜୀବନରେ ଅନେକ କଷ୍ଟ ସହିଥାନ୍ତି।

କିନ୍ତୁ ଆଜିର ଏ ସ୍ୱାର୍ଥପର ସମାଜ କେବଳ ବାପାର କାର୍ଯ୍ୟକୁ ଲକ୍ଷ୍ୟ କରେ। କାର୍ଯ୍ୟର ପଛରେ

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



ଲୁଚିଥିବା କଷ୍ଟ ଓ ଉଦ୍ଦେଶ୍ୟକୁ ବୁଜିପାରେନା । ବାପା ସବୁବେଳେ ଆମ ପାଇଁ ପ୍ରେରଣାର ଉତ୍ସ ପାଲଟିଥା'ନ୍ତି -ଜଣେ ପିତା କେବେ ଚାହିଁବେ ନାହିଁ ତାଙ୍କ ସନ୍ତାନ ତାଙ୍କ ପରି କଷ୍ଟ ସହୁ ବୋଲି । ସେ ବିତେଇଥିବା ଦିନର କିପରି ପୁନରାବୃତ୍ତି ନ ହେଉଁ ସେଥିପାଇଁ ମଧ ସେ ନିଜ ତରଫରୁ ସମସ୍ତ ବ୍ୟବସ୍ଥା କରିଥାଏ ।

କହିବାର ତାତ୍ପର୍ଯ୍ୟ ନୁହେଁ ଯେ ମା' ଆମ ପାଇଁ କିଛି କରନ୍ତି ନାହିଁ ବରଂ କହିବାର ଉଦ୍ଦେଶ୍ୟ ବାପାଙ୍କ କଷ୍ଟ ଓ କାର୍ଯ୍ୟ ସତରେ ଆମ ପାଇଁ କେତେ ମହନୀୟ । ବାପାଙ୍କର ସର୍ବଦା ସ୍ୱପ୍ନ ସନ୍ତାନ ଭଲ କାର୍ଯ୍ୟରେ ନିଯୁକ୍ତି ପାଉ କିନ୍ତୁ ଆଜିର ଛାତ୍ରମାନେ ବାପାଙ୍କ ସ୍ୱପ୍ନକୁ ଭୁଲି ଶିକ୍ଷା ନା'ରେ ମନୋରଞ୍ଜନ ଧର୍ମୀ କାର୍ଯ୍ୟରେ ଲପ୍ତ ରହନ୍ତି । ଅବଶ୍ୟ ସବୁ ଛତ୍ରଙ୍କ ପକ୍ଷେ ଏହା ଘଟୁନାହିଁ । ଅନେକ ଆଦର୍ଶ ଛତ୍ର ସେମାନଙ୍କ ବାପାଙ୍କ ସ୍ୱପ୍ନ ପାଇଁ ନିଶ୍ଚୟ ଲକ୍ଷ୍ୟସ୍ଥଳରେ ପହଞ୍ଚୁଛନ୍ତି ।

ବାପାଙ୍କ ଅର୍ଜିତ ଟଙ୍କାରେ ବହୁତ ପ୍ରକାର ମନୋରଜଂନ କରୁଛନ୍ତି । କିନ୍ତୁସେ ପଇସାର ମୂଲ୍ୟ ବୁଝିବାକୁ ସେମାନେ ଅସମର୍ଥ । ବାପା କାହିଁକି ସେ ପଇସା ରୋଜଗାର କରି ଆଣୁଛନ୍ତି ତାକୁ ବୁଝିବାକୁ ନାରାଜ୍ । ଭବିଷ୍ୟତରେ ବଡ଼ହେଲେ ସବୁ ସୁଯୋଗ ହରାଇସାରିଲେ ଓଲଟା ବାପାଙ୍କୁ କହିବେ ତମେ ଆମକୁ ଶିକ୍ଷା କି ଧନ ଠିକ୍ ସମୟରେ ଦେଇନା । ଆଉ ବୃଦ୍ଧ ବାପାଙ୍କୁ ଘରୁ ବାହାର କରିବାକୁ ବି ପଛଘୁଞ୍ଚା ଦିଅନ୍ତିନି ।

ମହାପୁରୁଷ କହିଯାଇଛନ୍ତି -

୧) ବାପା ଥିଲେ ପୁଅ ସଭାରେ ହାରେନି ।

୨) ବାପା ଥିଲେ ପୁଅ ଗରିବ ହୁଏନି ।

୩) ବାପା ଥିଲେ ପୁଅ ଚିନ୍ତାରେ ପଡ଼େନି ।

୪) ବାପା ଥିଲେ ପୁଅ ସାହସ ଭାଙ୍ଗେନି ।

୫) ବାପା ଥିଲେ ପୁଅ ଅନ୍ୟକୁ ପଇସା ମାଗେନି ।

୬) ବାପା ଥିଲେ ପୁଅ ଦାୟୀତ୍ୱ ନିଏନି ।

୭) ବାପା ଥିଲେ ପୁଅ ଚଗଲା ହୁଏନି ।

୮) ବାପା ଥିଲେ ପୁଅ ମା'କୁ ଭୁଲେନି ।

ଦୁନିଆରେ କେବଳ ବାପା ହିଁ ଏଭଳି ଲୋକ ଅଟନ୍ତି ଯିଏକି ସବୁବେଳେ ଚାହାଁନ୍ତି, ମୋ ସନ୍ତାନ ମୋଠୁ ଅଧିକ ସଫଳ ପାଉ ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଅନୁଭୂତି

ମଧୁସ୍ମିତା ତ୍ରିପାଠୀ
+୨ ପ୍ରଥମବର୍ଷ

ପିଲାଦିନେ ସାଙ୍ଗସାଥି ମେଳରେ ପାଠପଢ଼ିବା ହେଉଛି ଏକ ଆଗ୍ରହ ପୂର୍ଣ୍ଣ କାର୍ଯ୍ୟ। ସାଙ୍ଗ ହେଉଛି ଏକ ଏପରି ମୂଲ୍ୟବାନ ଜିନିଷ ଯାହାକି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରାୟତଃ ସାଙ୍ଗମାନଙ୍କ ସହିତ ପିଲାଦିନର ସେ ସମୟ କିପରି ଶିଘ୍ର ଶିଘ୍ର ଅତିବାହିତ ହୋଇଗଲା। ତାହା ହୁଏତ ମୁଁ ଆଲୋଚନା କରିବାକୁ ଚାହିଁଲେ ବି କରିପାରୁନି କାରଣ ସେ କଥା ଭାବିବାରୁ ଆଖିରେ ସେ ଦିନର ଛବି ନାଚିଉଠୁଛି। ଏବଂ ଆଖିରେ ଲୁହ ଆସିଯାଉଛି । ସେ ଦିନର ସାଙ୍ଗସାଥି ମାନଙ୍କ ସହିତ ଖେଳିବା । ଆମ୍ବଚୋରିକରିବା, ଝଗଡ଼ାଲାଗିବା ସହିତ ପୁଣି ମିଳାମିଶା ହୋଇ ପୁଣି ଖେଳିବା ଏହିପରି ସମୟ ଅତିବାହିତ ହୋଇଚାଲିଲା । ସ୍କୁଲରୁ ହାଇସ୍କୁଲ, ହାଇସ୍କୁଲରୁ କଲେଜ ଏହିପରି ଶ୍ରେଣୀ ପରେ ଶ୍ରେଣୀ ବଢ଼ିଚାଲିଲା। କିନ୍ତୁ ଶେଷ ଅବସ୍ଥାରେ ଏପରି ହେବ ମୁଁ କେବେ ଭାବି ନଥିଲି। ଦଶମ ଶ୍ରେଣୀରେ କିଏ କେମିତି ପାସ୍ କରିଗଲେ ଆଉ ଯାଇ କଲେଜରେ ପଢ଼ିଲେ ମୁଁ କଲେଜରେ ପଢ଼ିବାରୁ ଦେଖିତେ ଏକା କେହି ସ୍କୁଲ ବେଳର ସାଙ୍ଗ ନାହାନ୍ତି। ମୁଁ ଭାବିଲା ବେଳକୁ ଗୋଟାଏ ଗୋଟାଏ ଦିନ ଏବଂ ଗୋଟାଏ ଗୋଟାଏ ରାତି ବିତିଯାଉଛି । କିନ୍ତୁ କେହି ମିଳିନାହାନ୍ତି ଲାଗୁଛି ଯେମିତି କଳା ବାଦଲ ମଝିରେ ଗୋଟାଏ ଗୋଟାଏ ସଫା ତାରା ଲୁଚିଯାଇଛି । ହୁଏତ କଳା ବାଦଲ ତାଙ୍କୁ ତା'ର କୋଳରେ ଘୋଡାଇ ରଖିଛି। ଏହିପରି ଅନୁଭବ ହେଉଛି ସେମାନେ ମତେଛାଡ଼ି କୁଆଡ଼େ ଚାଲିଗଲେ ହୁଏତ ମୁଁ ତାଙ୍କୁ ଆଉ ଖୋଜିଲେ ପାଇବି କି ନାହିଁ ତାହା ମୁଁ ଜାଣିନି ସେମାନେ ବୋଧେ ମୋ ଉପରେ ଅଭିମାନ କରିଛନ୍ତି।

ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ସାଙ୍ଗପାଖରୁ ଅନ୍ୟ ଏ ସାଙ୍ଗକୁ ଦୂରେଇ ଦେବା କେତେ କଷ୍ଟ ତାହାମୁଁ ଏବେ ଅନୁଭବ କରୁଛି। ଜଳବିନା ଜୀବନର ଯେପରି କିଛି ମୂଲ୍ୟନାହିଁ। ସେହିପରି ସାଙ୍ଗ ମାନଙ୍କ ବିନା ଜୀବନର କିଛି ମୂଲ୍ୟ ନାହିଁ। ମୁଁ ଆଜିକି ମୋର ପିଲାଦିନର ସାଙ୍ଗମାନଙ୍କୁ ଅପେକ୍ଷା କରିଛି। ସେମାନେ କେବେ ମୋ ପାଖକୁ ଫେରିବେ ତାହା ହୁଏତ ଜାଣିନି। କିନ୍ତୁ ମୁଁ ଅପେକ୍ଷା କରିବି। ସେହି ପିଲାଦିନର ସମୟ ଆଉ ସେହି ପିଲାଦିନର ସାଙ୍ଗସାଥୀ ମାନଙ୍କୁ। ଆଉ ମୋର ମୂଲ୍ୟବାନ ଜିନିଷ

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ବନ୍ଧୁତା

ଅରୁନ୍ଧୋତି ସାହୁ

ମନୁଷ୍ୟମାନେ ଭଗବାନଙ୍କର ଉପହାର ସ୍ୱରୂପ । ଏହି ମନୁଷ୍ୟମାନେ ଭଗବାନଙ୍କଦ୍ୱାରା ସୃଷ୍ଟି । ମନୁଷ୍ୟମାନେ ସମସ୍ତଙ୍କ ଠାରୁ ଭିନ୍ନ । ମନୁଷ୍ୟର କଥା କହିବାର ଦକ୍ଷତା, ଭାବିବାର ଦକ୍ଷତା, ବୁଝିପାରିବାର ଦକ୍ଷତା, ପଢିବାର ଶୈଳୀ, ପ୍ରକୃତି, ଚରିତ୍ର ଏବଂ ବ୍ୟବହାର ଇତ୍ୟାଦି ଅନ୍ୟ ସମସ୍ତଙ୍କ ଠାରୁ ଭିନ୍ନ ।

ବନ୍ଧୁତା ଏପରି ଏକ ଶବ୍ଦ, ଯାହା ଶୁଣିବା ମାତ୍ରେ ଦେହରେ ସିହରଣ ଖେଳିଯାଏ । ଗୋଟିଏ ମଣିଷପାଇଁ ବନ୍ଧୁଟିଏ ନିହାତି ଦରକାର । କେହି ଜଣେ ବି ନିଜର ବନ୍ଧୁ ବିନା ଗୋଟିଏ ଆନନ୍ଦଦାୟକ ଜୀବନ ଜୀଇଁପାରିବ ନାହିଁ । ଆମର ଦୈନନ୍ଦିନ ଜୀବନରେ ବନ୍ଧୁଟିଏ ଆମେ ସବୁବେଳେ ଆବଶ୍ୟକ କରୁ । ଆମର ଏମିତି ଏକ ବନ୍ଧୁ ଦରକାର । ଯିଏ ନିଜର ବନ୍ଧୁକୁ ନିଃସ୍ୱାର୍ଥରେ ସବୁବେଳେ ସବୁ ପରିସ୍ଥିତିରେ ସାହାଯ୍ୟ କରିବାକୁ ଆଗେଇ ଆସୁଥିବ । ଏବଂ ତା'ର ଦୁଃଖ ସୁଖରେ ତା' ସାଥିରେ ଥିବ । ତାହାକୁ ପ୍ରକୃତ ବନ୍ଧୁ କୁହାଯାଏ । ଗୋଟିଏ ପ୍ରକୃତ ବନ୍ଧୁ ନିଜର ବନ୍ଧୁକୁ ତା'ର ହୃଦୟରେ ରହିବା ପାଇଁ ଜାଗା ଦେଇଥାଏ । ପ୍ରକୃତ ବନ୍ଧୁ ପ୍ରତି ମୂହୁର୍ତ୍ତରେ, ପ୍ରତି ପରିସ୍ଥିତିରେ ନିଜ ବନ୍ଧୁ ସହିତ ରହିଥାଏ । ଆମେ ଜୀଇଁ ଥିବା ଯାଏ, ସିଏ ଆମ ସାଥିରେ ଥାଏ ।

ବନ୍ଧୁତା ଭଗବାନଙ୍କଠାରୁ ମିଳିଥାଏ । ଏହା ଭଗବାନଙ୍କର ଆର୍ଶୀବାଦ । ଏହା ହେଉଛି ଦୁଇ ଶରୀରର ଗୋଟିଏ ଆତ୍ମା ସଦୃଶ । ବନ୍ଧୁତାକୁ ଦେଖିହୁଏନା, ଆଘାତ କରିହୁଏନା, ସ୍ୱର୍ଶ କରିହୁଏନା, ବନ୍ଧୁତାକୁ କେବଳ ହୃଦୟରେ ହିଁ ଅନୁଭବ କରିହୁଏ । ଏହା ହେଉଛି ତ୍ୟାଗ, ସ୍ନେହ ଏବଂ ବିଶ୍ୱାସର ପ୍ରତୀକ ।

"Friend is a quick action,
But friendship is a sloul
repending fruit".
Aristotle

- 0 -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ବର୍ତ୍ତମାନର ନିର୍ଯ୍ୟାତିତ ଓ ପ୍ରଦୂଷିତ ସେହି ଭାରତ ମା' ମୁଖରୁ ପଦେ

ରାନୀ ପଣ୍ଡା
+୩ ପ୍ରଥମ ବର୍ଷ (କଳା)

ସେହି ଦିନ ବି ସବୁଦିନ ପରି ମୁଁ ଆମ ଦାଣ୍ଡ ଦୁଆର ଚଟାଣ ଉପରେ ବସି କିଛି ଗୋଟାଏ ଭାବୁଥାଏ । ବାସ୍ ଏ ପ୍ରାକୃତିକ ସୌନ୍ଦର୍ଯ୍ୟର ରୂପକ ଅନୁଭବ କରୁଥାଏ । ମୋ ମନର ସେତେବେଳେ ଏକ ମାତ୍ର ଉଦ୍‌ବେଗ କିଛି ଗୋଟ ଲେଖିଯାଆନ୍ତି କି ଏହି ଶାନ୍ତ କୋମଳ, ସୁଶୀଳ ପରିବେଶକୁ ଦେଖି ।

ଠିକ୍ ଏହି ସମୟରେ ମୋର କର୍ଣ୍ଣପାତ ହୋଇଛି ଏକ ନାରୀର କ୍ରନ୍ଦନସ୍ୱର । ହଠାତ୍ ଭାବିଲି କିଏ, କିଏ, କାନ୍ଦୁଛି ? କେଉଁଠି ମୁଁ ତ କିଛି ବୁଝିପାରୁନି । ଏହା ତ ଅବଶ୍ୟ ଜଣେ ନାରୀର କ୍ରନ୍ଦନ ସ୍ୱର । ତେବେ କିଏ ସେହିନାରୀ କ'ଣ ହୋଇଛି ତାଙ୍କର ? କିଏ କାନ୍ଦୁଛ । ମୁଁ କ'ଣ ହୋଇଛି ତୁମର ଏଇଠିକି ଆସ ।

(ଧିରେ ଧିରେ ଆସୁଛନ୍ତି ଜଣେ ଅନାମନଧ୍ୟାନାରୀ ଅବହେଳିତ ବେଶ, ଜୀର୍ଣ୍ଣ, ଶୀର୍ଣ୍ଣ, ଶରୀର, ମଳିନ, ନାଲି, ଧଳା, ସବୁଜ, ରଙ୍ଗର ବସ୍ତ୍ରରେ ତନଶ୍ରୀ ଆଚ୍ଛାଦିତ । ଆଖିରେ ଲୁହ, ମନରେ କୋହ ଏବଂ ଦୁଇ ହସ୍ତ ପ୍ରସାରଣ ପୂର୍ବକ ମୋ ପାଖକୁ ଚାଲି ଚାଲି ଆସୁଛନ୍ତି) ।

-: ମତେ ଚିହ୍ନି ପାରୁନୁ! କିଏ ବୋଲି ପଚାରୁଛୁ କ'ଣରେ ପୁତ୍ର । ସେଇଦିନ କଥାକୁ ମନେପକା ଥରେ । ଯେଉଁ ଦିନ ଏଇ ତୁମର ମାତୃଭୂମି ଭାରତ ମା'କୁ ତୁମେ ମାନେ ମିଶି ସ୍ୱାଧୀନ କରିଥିଲ ।

ଶେଷରେ ସେହି ଅନ୍ଧକାର ରାତ୍ରିର ଅବସାନ ହୋଇଥିଲା ସେଦିନ । ପୂର୍ବଦିଗ୍‌ବଳୟ ଗାଢ଼ି ଲୋହିତ ବର୍ଣ୍ଣର ଆଭାରେ ଉଦ୍‌ଭାସିତ ହୋଇ ଉଠିଲା । ପ୍ରତ୍ୟୁଷର ସ୍ମିତି ହାସ୍ୟରେ । ଭାରତ ଇତିହାସରେ । ଏକ ନୂତନ ଯୁଗର ଆୟମାରମ୍ଭ ବିଷୟ ଘୋଷଣା କରିବାକୁ ଉଷାର ଆଗମନ ହେଲା । ରାତି ଅଧରୁ ଶୋଭାଯାତ୍ରାର କୋଳାହଳ ଜାତୀୟ ଓ ଭକ୍ତିଗୀତର ମୂର୍ଚ୍ଛନା ବାଦ୍ୟ ଓ ଶଙ୍ଖ ନାଦରେ ଏ ପବିତ୍ର ଭାରତ ଭୂମି ମୁଖରିତ ହୋଇଉଠିଥିଲା ଏବଂ ସମଗ୍ର ରାଜ୍ୟର ଲୋକେ ରାତ୍ରିର ଅନ୍ଧକାର ଦୁର କରିବାକୁ ସତେ

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



ଯେପରି ଲାଗି ପଡ଼ିଥିଲେ । କେବଳ 'ଭାରତ ମା' କି ଜୟ' ବିଜୟ ସ୍ଲୋଗାନ୍ ରେ । କ'ଣ ସତରେ ସେହିଁ ମହାନ୍ ପୁରୁଷଙ୍କ ବଳୀଦାନ୍ ବ୍ୟର୍ଥ ଯାଇଛି । ଆଜିର କ'ଣ ପରିସ୍ଥିତି ପାଇଁ ସହ ସହ ଦେଶ ଭକ୍ତ ତାଙ୍କର ଜୀବନକୁ ଏଇ ମାଟିରେ ମିଶେଇ ଦେଇ ତୁମମାନଙ୍କୁ ସ୍ୱାଧୀନତାର ସ୍ୱାଦ ଚଖାଇଥିଲେ । ଏହି ସ୍ୱାଧୀନ ଦେଶରେ କେମିତି ସଂମ୍ପୂର୍ଣ୍ଣ ଭାବେ ମୋର ସନ୍ତତି ମାନେ ଅସୁରକ୍ଷିତ । ସବୁଜମୟୀ ଧରାମୟୀ ଯେମିତି ଲାଗୁଛି ପାଲଟି ଯାଇଛି ଅଗ୍ନିମୟ ଜ୍ୱାଳାମୁଖୀ । ଚତୁଃପାର୍ଶ୍ୱରେ କେବଳ ହା ହା କାର ଧର୍ଷଣର ଚିତ୍କାର ଶୁଭୁଛି । ଆଜିର ସମୟରେ ନିଷ୍ପେସିତ, ଅବହେଳିତ ନାରୀ ଯାହାକି ବିବାହ ପୂର୍ବରୁ ଏବଂ ବିବାହ ପରେ ମଧ ରାକ୍ଷାସ ଶଶୁ, ଶ୍ୱଶୁର, ସ୍ୱାମୀ ମଧ ନିରସ୍ତ୍ର, ନିରୀହ ନାରୀକୁ ସାମାନ୍ୟ ଯୌତୁକ ପାଇଁ ଜୀବନ୍ତ ଦଗ୍ଧ କରି ଦେଉଛି । ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଜଣେ ନାରୀ ଏକୁଟିଆ ପଦାକୁ ବାହାରିବା କ୍ଷଣି ନିଜକୁ ସୁରକ୍ଷିତ ମନେ କରୁନି । ସତରେ ଏହି ସ୍ୱାଧୀନ ଭାରତରେ ସେ ପରାଧୀନ । ସତରେ କ'ଣ ତା'ର ଅଧିକାର ନାହିଁ । ଏହି ସ୍ୱାଧୀନତାର ଉପଭୋଗ କରିବାକୁ ତା'ର ସ୍ୱପ୍ନ ପୂରଣ କରିବାକ. କୁନି କୁନି ପକ୍ଷୀଙ୍କ ପରି ଆକାଶରେ ଉଡ଼ି ଘୁରିବାକୁ । ମାତ୍ର କିଏ ବୁଝୁଛି ଏହି କଥା ? ମୁଁଅତିଷ୍ଠ ହୋଇଗଲିଣି ରେ ପୁତ୍ର । ଆଜିର କଳିଯୁଗରେ କେବଳ ନାରୀର ସୂକ୍ଷ୍ମ କଥା ନୁହେଁ ସତରେ କ'ଣ ଏହି ସ୍ୱର୍ଣ୍ଣମୟୀ ଦେଶ ନର ରାକ୍ଷାସରୁ ଦେଶ ପାଲଟି ଯାଇଛି । କେବଳ ଏତିକି ନହେଁ ଏକ ପଟେ ମୋର କନ୍ୟା ସନ୍ତାନ ମାନେ ଏବଂ ଆଉ ଅନ୍ୟ ପଟେ ମୋର ଏହି ପ୍ରାକୃତିକ ପରିବେଶକୁ ମଧ ପ୍ରଦୂଷଣ କରି କରି ଚାଲିଛି ।

"ହେଇ ଦେଖ୍ ଦେଖି ପାରୁଛୁ, ମୋର ମସ୍ତକକୁ ଯେଉଁ ମସ୍ତକରୁ ପବିତ୍ର ପତିତପାବନୀ ଗଙ୍ଗା ପ୍ରବାହିତ । ସେ ଆଜି ଅପବିତ୍ର ଦେଖିପାରୁଛୁନା ମସ୍ତକ ଉପରେ ସ୍ୱଚ୍ଛ ନୀଳର ଆକାଶକୁ ମିଶାଇଲ୍ କ୍ଷେପଣାସ୍ତ୍ର ପରୀକ୍ଷା କରି କରି ମୋର ବାୟୁମଣ୍ଡଳକୁ କେତେ ଦୂଷିତ କରିଦେଉଛି । ଅମ୍ଳଜାନର ପରିମାଣ କମି କମି ଯାଉଛି ଅମ୍ଳଜାନ ନ ପାଇଲେ ଲୋକମାନେ ବଞ୍ଚିବେ କେମିତି । ମୋ ମୁଣ୍ଡ ଘୁରେଇ ଦେଉଛି ରେ ପୁତ୍ର ମୁଁ ପାଗେଳି - ହୋଇଯାଉଛି" । ହଁ! ଆହୁରି ଖୁବ୍ ଚହା ମୋ ମୁହଁକୁ । କ'ଣ ଦେଖୁଛୁ । ଏ ଆଖିର ଲୁହରୁତୁ କ'ଣ ବୁଝିପାରୁନୁ ମୋର ହୃଦୟ କେତେ ବେଦନା ଶକ୍ତ । "ଏତେ ଶିକ୍ଷା ପାଇଲ ଜ୍ଞାନର ବିକାଶ ହୋଇପାରିଲା ନାହିଁ । ଶିକ୍ଷାଦ୍ୱାରା ଲବ୍ଧ ଜ୍ଞାନର ଉପଯୋଗ କରି ମୋର ପ୍ରାକୃତିକ ସମ୍ପଦର ସୁ-ବିନିଯୋଗ କରିପାରିଲ ନାହିଁ । ମୋର ପ୍ରାକୃତିକ ଶାନ୍ତି, କୋମଣ ପରିବେଶକୁ ଜାଣିଶୁଣି କୋଳାହଳ ସହ କରିଦେଲ । ଶବ୍ଦ ପ୍ରଦୂଷଣ ବଢ଼ିଗଲା, "ହୃଦ୍‌ରୋଗ ହେବ ନାହିଁ! ପ୍ରତିଦିନ ଶହ ଶହ ସଂଖ୍ୟାରେ ମୋର ପୁତ୍ର ସନ୍ତାନ ମାନେ ମୃତ୍ୟୁ ବରମ କରୁଛନ୍ତି । ମୋତେ ସୁରକ୍ଷା ଦେବ କିଏ । ସ୍ୱଚ୍ଛ

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



ପବିତ୍ର ରଖିବ କିଏ ? ନିଜର କେତେ ଭୁଲ୍ ପାଇଁ କେତେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ତୁମମାନଙ୍କୁ । ଶୁଦ୍ଧ ଅମ୍ଳଜାନ ପାଇଁ ଟିକେ ଅମ୍ଳଜାନ କୋଠରୀ ଭିତରେ ଯାଇ" ନେବାକୁ ପଡୁଛି । ବର୍ତ୍ତମାନ ଶିକ୍ଷିତ ସହର ଭାବେ ଦୀଲାକୁ ଜାମିଥିବ ହେଲେ ଅଧିକ ଅସୁରକ୍ଷିତ, ପ୍ରଦୂଷଣ ଭାବରେ ଦୀଲ୍ଲୀ ଦେଶର ପ୍ରଥମ ସହର ଭାବରେ ଅଛି । ମୁଁ ଅତିଷ୍ଠ ହୋଇ ଗଲିଣି ପୁତ୍ର । ମୁଁ ସର୍ବହରା ମାଆ କିନ୍ତୁ ମୋର ସହିବାର ସୀମା ଟପି ଗଲାଣି । ସେ ଧୈର୍ଯ୍ୟ ମୋର ଆଉ ନାହିଁ । ମାଆର ସୁରକ୍ଷା ଦାୟିତ ପରା ପୁତ୍ରର । ଦେ ପୁତ. ତୋର ଶକ୍ତ ଦୁଇ ହାତକୁ ପ୍ରସାରିତ କରିଦେ । ମନକୁ ଟାଣ କରିଦେ, ହୃଦୟ ଭିତରେ ଥିବା ମାତୃତ୍ୱର ମୋହକୁ ଆବଦ୍ଧ କରିଦେ । ସ୍ୱଚ୍ଛ କରିଦେ ତୋ ଦେଶକୁ, ସମୃଦ୍ଧ କରିଦେ ତୋ ଦେଶକୁ । ମାଆର ଆର୍ଶୀବାଦ ସବୁବେଳେ ତୁମ ପାଇଁ ରହିଛି ରେ ବାପା .....

(ଶେଷରେ ମୁଁ କହିଲି) -: ସବୁ ଆମରି ଦୋଷ ମା' ଆମେମାନେ ଜାଣି ଶୁଣି ଆମର ମୃତ୍ୟୁକୁ ଡାକି ଆଣୁଛୁ । କେବଳ ଲୋଭ ପାଇଁ ମା' ....... କେବଳ ଲୋଭ ପାଇଁ ......... ଏବଂ ଚିତ୍କାର କରି ପଛେ ପଛେ ଗଲି ମା', ମା' ........ ଶାନ୍ତ -ହୋଇଥିଲା) ଏବଂ ମତେ ହୋଇଥିଲା ସତରେ ଆମେ ଆମ ଦେଶକୁ ଏତେ ନିର୍ଯ୍ୟାତନା ଦେଉଛନ୍ତି । (ସେହି ସମୟରେ କେବଳ ମୋର କାନରେ ଗୋଟିଏ ମାତ୍ର କଥା ଗୁଞ୍ଜନ ହେଉଥିଲା କି ଯାହା ଥିଲା ସେହି ଭାରତ ମାଆର ଶେଷ କଥା । ଏବଂ ଆମ ପ୍ରତ୍ୟକ ଭାରତ ବାସୀଙ୍କ ପାଇଁ କି :- "ଦେଶରେ ହେଉଥିବା ନିର୍ଯ୍ୟାତନା ରୂପକ ବଡ଼ ପଦୂଷଣ ଏବଂ ପରିବେଶ ପଦୂଷଣ ରକ୍ଷା କର । ଏହି ଭାରତ ମା'କୁ ।...........(ଧିରେ ଧିରେ ସେହି ପରିବେଶକୁ ଅନ୍ଧାର ମାଡ଼ିଆସିଥିଲା) ।

(ଯତ୍ରଃ ନାର୍ଯ୍ୟେସ୍ତୁ ରମନ୍ତେ ତତ୍ର ଦେବତାଃ)
"ଭାରତ ମାତା କି ଜୟ" ।
"ଭାରତ ମାତା କି ଜୟ" ।
"ଭାରତ ମାତା କି ଜୟ" ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଭଙ୍ଗା କୁଡ଼ିଆର ଅତିଥି

ରଞ୍ଜିତା ସାହୁ
+୩ ଦ୍ୱିତୀୟ ବର୍ଷ (କଳା)

ଏକଦା ଜଣେ ରାଜା ରୋଗଶଯ୍ୟାରେ ପଡ଼ି ମୃତ୍ୟୁ ଆସନ୍ନ ବୋଲି ଜାଣିପାରି ବିଚଳିତ ହୋଇ ଆକୁଳ କ୍ରନ୍ଦନ କରିବାକୁ ଲାଗିଲେ । ସେ ସଂପର୍କରେ ଜାଣି ଜଣେ ସନ୍ନ୍ୟାସୀ ତାଙ୍କୁ ସାନ୍ତ୍ୱନା ଦେବାକୁ ଆସି ରାଜ ଦରବାରରେ ପହଞ୍ଚିଲେ ଏବଂ ରାଜାଙ୍କୁ ଏକ ଗପ ଶୁଣାଇଲେ । ସେ କହିଲେ ଜଣେଲୋକ ଏକ ଅନ୍ଧକାରମୟ ଜଙ୍ଗଲ ଦେଇ ଯାଉଥିବାବେଳେ ସନ୍ଧ୍ୟା ହୋଇଗଲା । ସେ ଜଙ୍ଗଲରେ ହିଂସ୍ର ଜନ୍ତୁମାନେ ଥିଲେ । ଲୋକଟି ତେଣୁ ଭୟାତୁର ହୋଇ ଜଙ୍ଗଲ ମଧ୍ୟରେ ରାତିକ ରହିବା ଲାଗି ଏକ ଆଶ୍ରୟସ୍ଥାନ ଖୋଜିବାକୁ ଲାଗିଲେ । ଶେଷରେ ଏକ ଭଙ୍ଗା କୁଡ଼ିଆନିକଟରେ ପହଞ୍ଚି ଘର ଭିତରେ ଜଣେ ଅଚଳ ଲୋକଙ୍କୁ ବସିଥିବାର ଦେଖିଲା । ଯେଉଁ ଘରର ଭିତର ମଳମୂତ୍ରରେ ପୂର୍ଣ୍ଣ ଥିଲା । ଚାରିପଟେ ମାଂସ ଟଙ୍ଗା ଯାଇଥିଲା । ଲୋକଟିକୁ ତାହା ଭଲ ଲାଗୁନଥିଲେ ମଧ୍ୟ ହିଂସ୍ରଜନ୍ତୁମାନଙ୍କ ଭୟରୁ ରକ୍ଷା ପାଇବା ପାଇଁ ଦୁର୍ଗନ୍ଧଯୁକ୍ତ ଭଙ୍ଗା କୁଡ଼ିଆ ମଧ୍ୟରେ ରାତିକ ରହିବାକୁ ମନସ୍ଥ କଲା କିନ୍ତୁ ଭିତରେ ବସିଥିବା ଅଚଳ ଲୋକଟି ପଥିକକୁ ରାତିଦିନ ପାଇଁ ଏ ଘରେ ରହିଯିବାକୁ କୁହନ୍ତି ନାହିଁ । ସେ କହିଲା କେବେବେଳେ ତୁମଭଳି ପଥି ରାତିକ ପାଇଁ ଏ ଘରେ ରହିଯିବାକୁ କହନ୍ତି । କିନ୍ତୁ ରହିବା ପରେ ଲୋକମାନେ ଏ ମଳମୂତ୍ର ମାଂସଗନ୍ଧ ସହିତ ଏତେ ଅଭ୍ୟସ୍ତ ହୋଇଯାଆନ୍ତି ଯେ ସକାଳୁ ଆଉ ଯିବାକୁ ଇଛା କରନ୍ତି ନାହିଁ । ତେବେ ପଥିକ ବହୁ ଅନୁରୋଧ କରିବାରୁ ଘରେ ଥିବା ଲୋକ ଜଣକ ତାକୁ ଆଶ୍ରୟ ଦେବାକୁ ରାଜି ହେଲା । ପଥିକ ଭଙ୍ଗାକୁଡ଼ିଆ ମଧ୍ୟରେ ଗୋଟିଏ କୋଣରେ ଶୋଇଗଲା । ରାତିକ ଭିତରେ ସେ ଦୁର୍ଗନ୍ଧ ତାକୁ ଏଭଳି ସୁଗନ୍ଧ ଲାଗିଲା ଯେ ସେ ନିଜ ଘର କଥା ଭୁଲିଗଲା । ଶପଥ ରକ୍ଷାକରି ସକାଳୁ ଭଙ୍ଗା କୁଡ଼ିଆ ଛାଡ଼ିବାକୁ ରାଜି ହେଲା ନାହିଁ । ଗପଟି ଶୁଣାଇସାରି ସନ୍ନ୍ୟାସୀ ରାଜାଙ୍କୁ ତା'ର ତାତ୍ପର୍ଯ୍ୟ ପଚାରିଲେ । ରାଜା କହିନପାରିବାରୁ ସନ୍ନ୍ୟାସୀ କହିଲେ; ସେ ପଥିକ ହେଉଛନ୍ତି ଆପଣ । ସେ ଭଙ୍ଗା କୁଡ଼ିଆ ହେଉଛି ଆପଣଙ୍କର ଦେହ । ଏଣୁ ଦୁଃଖ କରିବାର କି ପ୍ରୟୋଜନ ?

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# କଳିଯୁଗର ମଣିଷ

ସୋମାଲିନ୍ ନାୟକ
+୨ ପ୍ରଥମ ବର୍ଷ (କଳା)

ଅନ୍ଧକାର ମଧ୍ୟ ରାତ୍ରିର ଅବସାନ ଘଟିବା ପରେ ପୂର୍ବ ଦିଗରେ ଏକ ଲୋହିତ ବର୍ଣ୍ଣର ବସ୍ତ୍ର ପିନ୍ଧିଥିବା ସୂର୍ଯ୍ୟ ଦେବତାଙ୍କ ସହ ଶ୍ୱେତ ରଙ୍ଗର ପାଟବସ୍ତ୍ର ପିନ୍ଧିଥିବା ଏକ ନବଜ୍ୟୋତିମୟୀ ଦିନ ଲାଜେଇ ଲାଜେଇ ଧରାପୃଷ୍ଠରେ ଆଗମନ ହୋଇଥାଏ ।

ରାଜାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ପ୍ରଜାମାନଙ୍କ ପାଖରେ ପହଞ୍ଚାଇବା ପାଇଁ ମନ୍ତ୍ରୀ ଯେପରି ସଦାସର୍ବଦା ସଜାଗ ହୋଇରହିଥାଏ । ସେହିପରି କୋଇଲି ନିଜର ମଧୁର ସ୍ୱର ସାହାଯ୍ୟରେ ନୂତନ ଦିନର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇ ଦେଇଥାଏ ।

କିନ୍ତୁ କାହିଁକି କେଜାଣି କଳିଯୁଗର ଏହି ଆଧୁନିକ ମଣିଷମାନଙ୍କୁ କୋଇଲିର ଏହି ମଧୁର ସ୍ୱର କର୍କଶ ଲାଗେ । ପ୍ରକୃତିର ଏହି ସୁଲୁସୁଲିଆ ସୁଶୀତଳ ଥଣ୍ଡା ମୃଦୁପବନ ଆଧୁନିକ ମଣିଷମାନଙ୍କୁ ସ୍ପର୍ଶ ମାତ୍ରକେ ଗରମ ଲାଗେ । କିନ୍ତୁ କ'ଣ ପାଇଁ କଳିଯୁଗର ଏହି ଆଧୁନିକ ମଣିଷମାନେ ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କୁ କ୍ଷତି ପହଞ୍ଚାଇବାକୁ ଚାହୁଁଛନ୍ତି । କ'ଣ ପାଇଁ ଏହି ପରିବର୍ତ୍ତନ ? କାହିଁକି ଆଜିର ନାରୀ, ଶିଶୁ, ସାଧାରଣ ଜନତା ନିଜକୁ ଅସୁରକ୍ଷିତ ମନେ କରୁଛି । ସବୁଆଡ଼େ ଖାଲି ମୋହ, ମାୟା, ଛଳନା ଏବଂ ଦୁର୍ନିତୀର ଦୁର୍ଗନ୍ଧ ମାଡ଼ି ଆସୁଛି ।

ଜାତିର ଜନନାୟକ ମହାତ୍ମା ଗାନ୍ଧୀ କ'ଣ ଏଇଥିପାଇଁ ଇଂରେଜମାନଙ୍କ କବଳରୁ ଆମମାନଙ୍କୁ ମୁକ୍ତି କରି ଆମମାନଙ୍କୁ ସ୍ୱାଧୀନତା ଦେଇଥିଲେ ଯେ, ଆମେମାନେ କେବଳ ଆମର ସ୍ୱାର୍ଥକୁ ଆଗରେ ରଖି ଅନ୍ୟମାନଙ୍କର ସ୍ୱାଧୀନତାକୁ ଛଡ଼ାଇ ନେବା । ଅନ୍ୟମାନଙ୍କ ଉପରେ ଅତ୍ୟାଚାର କରିବା ।

ଚନ୍ଦ୍ରରେ କଳଙ୍କ ଲାଗିବା ଭଳି ଆଜିର ଏହି ସ୍ୱାଧୀନତାର ଭାରତରେ ଶ୍ୱେତ ରଙ୍ଗର ପାଟ ବସ୍ତ୍ର ପରିଧାନ କରିଥିବା ନବଜ୍ୟୋତି ମୟୀ ପ୍ରତ୍ୟୁଷର ଶ୍ୱେତ ରଙ୍ଗର ପାଟରେ କଳିଯୁଗର ଆଧୁନିକ ମଣିଷ କଳଙ୍କ ଦାଗ ଲଗାଇଦେଇଛି ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ଯେ ପାଞ୍ଚେ ପରମନ୍ଦ

ସୁପ୍ରଭା ପୃଷ୍ଟି
+୨ ପ୍ରଥମ ବର୍ଷ (କଳା)

ଜଣେ ଅତ୍ୟାଚାରୀ ରାଜା ଥିଲେ । ସେ ଏମିତି ନିର୍ଦ୍ଦୟ ଓ ଅତ୍ୟାଚାରୀ ଥିଲେ ଯେ ପ୍ରଜାମାନେ ଚାହୁଁଥିଲେ ସେ କେମିତି ମରିଯାଆନ୍ତୁ ବା ସିଂହାସନରୁ ପଦଚ୍ୟୁତ ହୁଅନ୍ତୁ । ରାଜାଙ୍କ ଅତ୍ୟାଚାରରୁ କିପରି ତ୍ରାହି ପାଇବେ । ସେ ବିଷୟରେ ଅନେକ ଲୋକ ଚିନ୍ତା କରି ମଧ କୌଣସି ବୁଦ୍ଧିବାଟ ପାଉନଥାନ୍ତି ।

ଏମିତି ଏକ ସମୟରେ ହଠାତ୍ ଦିନେ ରାଜା ଘୋଷଣା କରିଦେଲେ, ଆଉ ପଛକଥା ରହିବନି, ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରାଯିବନି । ଅନ୍ୟାୟ ଓ ଅତ୍ୟାଚାରକୁ ପୂରାପୂରି ବନ୍ଦ କରିଦିଆଯିବ । ଏଣୁ କିଭଳି ଶାନ୍ତିରେ ରହିବା ସେଥିପ୍ରତି ଦୃଷ୍ଟିଦିଆଯିବ ।

ସେହିଦିନଠାରୁ ରାଜା ପୂରାପୂରି ବଦଳିଗଲେ । ଲୋକେ ପୁରୁଣା କଥା ଭୁଲିଯାଇ ତାଙ୍କୁ ନୂଆ ନାଁରେ ଡାକିବାକୁ ଲାଗିଲେ । ନୂଆ ନାଁଟି ହେଲା ଧର୍ମରାଜ ।

କେତେ ମାସ ବିତିଗଲା ପରେ ଦିନେ ଜଣେ ମନ୍ତ୍ରୀ ସାହସବାନ୍ଧି ରାଜାଙ୍କୁ ପଚାରିଲେ, ମହାରାଜ, ଗୋଟିଏ ପ୍ରଶ୍ନ ମୋ ମନ ଭିତରେ ସବୁବେଳେ ଉଙ୍କି ମାରୁଛି ।

କି ପ୍ରଶ୍ନ ? ପଚାରିଲେ ରାଜା ।

ଆପଣଙ୍କର ପରିବର୍ତ୍ତନ କିପରି ହେଲା ?

ରାଜା କହିଲେ, ଦିନେ ମୁଁ ଘୋଡ଼ା ଚଢ଼ି ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲି । କିଛି ବାଟ ଗଲାପରେ ଦେଖିଲି ଗୋଟାଏ କୋକିଶିଆଳକୁ କୁକୁରଟାଏ ଗୋଡ଼ାଉଛି, କୋକିଶିଆଳଟି ନିଜ ଜୀବନ ରକ୍ଷାପାଇଁ ଜୋର୍‌ରେ ଧାଉଁଥାଏ । ବେଳକୁ ବେଳ କୁକୁରଟା ତା' ପାଖକୁ ମାଡ଼ିଆସୁଥାଏ । କୋକିଶିଆଳଟି ଜୀବନ ରକ୍ଷା କରିବା ଅସମ୍ଭ ହୋଇପଡ଼ିଲା ।

କୌଣସି ପ୍ରକାର ନିଜ ଜୀବନ ବଞ୍ଚାଇବାକୁ କୋକିଶିଆଳଟା ଗାତରେ ପଶିଯିବାକୁ ଚେଷ୍ଟାକଲା । ହେଲେ କୁକୁରଟା ତା' ପଛପଯ ଗୋଡ଼ ଦୁଇଟାକୁ ଧରି ପକେଇଲା ଗୋଡ଼ରୁ ପୁଳାଏ ଭିଡ଼ି ନେଲା । କୋକିଶିଆଳଟା ସବୁଦିନ ପାଇଁ ଲେଙ୍ଗଡ଼ା ହୋଇଗଲା ।

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



ନିଜ ଆଖିରେ ଏପରି ଦୃଶ୍ୟ ଦେଖି ମନଟା ଖରାପ ହୋଇଗଲା ଶିକାର କରିବାକୁ ମନବଳିଲା ନାହିଁ । ରାଜ ପ୍ରସାଦକୁ ଫେରିଆସିଲି । ଦେଖିଲି ସେଇ କୁକୁରଟା ମୋ ପଛେ ପଛେ ଆସୁଛି । ବାଟରେ ଏକ ଗାଁ ପଡ଼ିଲା । ସେଇ କୁକୁରଟା ଲୋକକୁ ଦେଖି ଜୋର୍‌ରେ ଭୁକିଲା । ଲୋକଟା କୁକୁରର ଭୁକିବାରେ ଏଭଳି ଅତିଷ୍ଠ ହୋଇଗଲା ଯେ ପାଖରେ ପଡ଼ିଥିବା ଏକ ବଡ଼ ପଥର ଉଠେଇ କୁକୁର ଉପରକୁ ଫିଙ୍ଗି ଦେଲା । ଢ଼େଲା ବାଜି କୁକୁରର ଗୋଟେ ଗୋଡ଼ ଭାଙ୍ଗିଗଲା ।

କିଛିବାଟ ଗଲାପରେ ଦେଖିଲି ଯୋଉ ଲୋକଟା କୁକୁରକୁ ଢ଼େଲା ମାରିଥିଲା । ସେଇ ଲୋକଟି ଘୋଡ଼ା ଉପରେ ବସି ଯାଉଥିଲା ବେଳେ ଘୋଡ଼ାଟା ତାକୁ ନାତ ମାରିଦେଲା । ଲୋକଟିର ଆଣ୍ଠୁ ଭାଙ୍ଗିଗଲା । ସେ ବି ସବୁଦିନ ପାଇଁ ପଙ୍ଗୁ ହୋଇଗଲା ।

ଘୋଡ଼ାଟିକୁ ଲୋକ ଘଉଡ଼ାଇ ଦେବାରୁ ସେ ଜୋର୍‌ରେ ଦୌଡ଼ି ଯାଉଥିବା ବେଳେ ତା' ଗୋଡ଼ ଗୋଟାଏ ଗାତରେ ପଡ଼ିଯିବାରୁ ତା'ର ମଧ ଗୋଟାଏ ଗୋଡ଼ ଭାଙ୍ଗିଗଲା ।

ଏହି ଘଟଣା ଗୁଡ଼ିକ ମୋ ଆଖି ସାମ୍ନାରେ ଘଟିଥିବାରୁ ମନଟା ମୋର ଦୁଃଖ ହୋଇଗଲା । ସେଦିନ ପ୍ରଥମଥର ପାଇଁ ଅନୁଭବ କଲି ଅନ୍ୟର କ୍ଷତି କଲେ ନିଜର କ୍ଷତିହୁଏ । ଏଣୁ ଯାହା କରୁଛି ତା'ର ପ୍ରତିଫଳ ମଧ ମୋତେ ଭୋଗ କରିବାକୁ ପଡ଼ିବ ।

ମନ୍ତ୍ରୀ ରାଜାଙ୍କ କଥା ଶୁଣିବାପରେ ତାଙ୍କ ପାଖରୁ ବିଦାୟ ନେଇ ଚାଲିଗଲେ । ସେ ଭାବିନେଲେ ଯେ ରାଜା ଏବେ ଖୁବ୍ ଦୁର୍ବଳ ହୋଇଗଲେଣି । ଏଣୁ ତାକୁ ସିଂହାସନରୁ ହଟେଇବାର ଇଏ ହେଉଛି ସୁବର୍ଣ୍ଣ ସୁଯୋଗ ।

ଏମିତି ଭାବି ଭାବି ସେ ଯାଉଥିଲା ବେଳେ ହଠାତ୍ ତାଙ୍କର ଗୋଡ଼ ରାଜପ୍ରସାଦର ପାହଚରୁ ଖସିଗଲା । ସେ ସବୁଦିନ ପାଇଁ ଲେଙ୍ଗଡ଼ା ହୋଇଗଲେ ।

ନିଜର ଖଳବୁଦ୍ଧି ଯୋଗୁଁ ତାକୁ ଏପରି ଦଶା ଭୋଗ କରିବାକୁ ହେଲା ।

- ୦ -

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



# ସିଦ୍ଧି ପଥର ପ୍ରତିବନ୍ଧକ

ଦୀପକ କୁମାର ବେଜ୍
+୩ ଦ୍ୱିତୀୟ ବର୍ଷ (ବିଜ୍ଞାନ)

ବହୁଦିନ ତଳର କଥା ଏକଦା ଗୁରୁଶିଷ୍ୟ ଦୁହେଁ ଆଶ୍ରମରେ ରହୁଥିଲେ । ସୌନ୍ଦର୍ଯ୍ୟ ଓ ଶାନ୍ତିମୟ ପରିବେଶରେ ଆଶ୍ରମଟି ଥିଲା । ଶିଷ୍ୟ ଥିଲେ ଗୁରୁଙ୍କର ଏକାନ୍ତ ଆଜ୍ଞାବହ ତଡା ବିଶ୍ୱସ୍ତ । ଗୁରୁଙ୍କର ଅଧିକାଂଶ ସମୟ ଧ୍ୟାନ ଧାରଣାରେ କଟୁଥିଲା । ହେଲେ ଶିଷ୍ୟଙ୍କଠାରେ ତାହାସବୁ ବିପରୀତ ଭାବେ ପରିଲକ୍ଷିତ ହେଉଥିଲା । ଗୁରୁ କିନ୍ତୁ ଲକ୍ଷ କରିନେଇଥିଲେ ଯେ ତାଙ୍କ ଶିଷ୍ୟଙ୍କଠାରେ ଏକାଗ୍ରତା ହାନି । ସମୟ କ୍ରମେ ସୁଧୁରି ଯିବେ ବୋଲି ଗୁରୁ ଆଶା ରଖି ଶିଷ୍ୟଙ୍କୁ କିଛି ବି କହୁନଥିଲେ ।

ସେଦିନ ଶିଷ୍ୟ କିନ୍ତୁ ବ୍ୟତିବ୍ୟସ୍ତ ହୋଇ ଗୁରୁଙ୍କୁ କହିଥିଲେ - ଗୁରୁଦେବ ! ମୋର ମନ ଆଦୌ ଧ୍ୟାନରେ ଲାଗୁ ନାହିଁ । କିଛି ହେଲେ ଉପାୟ ବତାଇ ଦିଅନ୍ତୁ ଯହିଁରେ ଏକାଗ୍ରତା ଆସିବ ।

ଦୂରଦ୍ରଷ୍ଟା ଗୁରୁ ଶିଷ୍ୟଙ୍କର ଧ୍ୟାନଭଗ୍ନର ଏକାଗ୍ରତା ହାନିର କାରଣ ଜାଣି ପାରିଥିଲେ । ଶିଷ୍ୟଙ୍କୁ ଆଶ୍ୱାସନା ଦେଇ କହିଲେ ଠିକ୍ ଅଛି । ଆଶ୍ରମର ଏଇ ପରିବେଶରେ ହୁଏତ ତୁମର ମନ ଧ୍ୟାନଧାରଣାରେ ଲାଗୁନଥିବ । ତେଣୁ ଏବେ ଚାଲ ଏଠାରୁ ଛାଡ଼ି ଅନ୍ୟତ୍ର ଚାଲିଯିବା । ଅନ୍ୟତ୍ର ଅବସ୍ଥାନ କଲେ ତୁମର ମନସ୍ଥିତିରେ ପରିବର୍ତ୍ତନ ଆସିଯିବ । କାଲି ପ୍ରାତଃ କାଳରୁ ଆମେ ଏହା ଛାଡ଼ି ଚାଲିଯିବା । ଶିଷ୍ୟ ସମ୍ମତି ଜଣାଇଥିଲେ ।

ପରଦିନ ପ୍ରତ୍ୟୁଷରୁ ଗୁରୁଶିଷ୍ୟ ଦୁହେଁ ଆଶ୍ରମଛାଡ଼ି ଅନ୍ୟତ୍ର ଯାତ୍ରା କରିଥିଲେ । ଦୁହେଁ କଥାବାର୍ତ୍ତା ହୋଇ ଯାଉଥାନ୍ତି । ଗୁରୁ ଆଧ୍ୟାତ୍ମିକ ଆଲୋଚନା କରୁଥିବାବେଳେ ଶିଷ୍ୟ କିନ୍ତୁ ଅମନଯୋଗୀ, ଆନମନା ପରି ଜଣାପଡୁଥିଲା । ଗୁରୁଙ୍କ ନିକଟରେ କମଣ୍ଡଳୁ ଓ ତ୍ରିଶୂଳ ଥିଲା, ଶିଷ୍ୟଙ୍କ କାନ୍ଧରେ ଥିଲା ଏକ ଝୁଲା ।

ସନ୍ଧ୍ୟା ହୋଇଆସିଲା । ଗୁରୁ ଶିଷ୍ୟ ଦୁହେଁ ଏକ ସୁବିଧା ଜନକ ସ୍ଥାନ ଦେଖି ରାତ୍ର ରହଣି କଲେ । ଗୁରୁ ଅତି ପ୍ରତ୍ୟୁଷରୁ ଉଠି ସ୍ନାନ ତର୍ପଣାଦି କାମ ସାରିଥିଲେ । କିନ୍ତୁ ଶିଷ୍ୟ କିଛି ସମୟ ବିଳମ୍ବରେ ଉଠିଥିଲେ । ଶିଷ୍ୟ ଶୌଚାଦି କର୍ମ ସମାପନ ପାଇଁ ଗୁରୁଙ୍କ ନିକଟରେ ନିଜ ଝୁଲାଟିକୁ ରଖି ଚାଲିଯାଇଥିଲେ । ଅଳ୍ପ କିଛିକ୍ଷଣ ପରେ ଅଦୂରରେ ଥିବା ଶିଷ୍ୟ ହଠାତ୍ ପାଣିରେ ଝପ୍ କରି କିଛି ପଡ଼ିବାର ଶବ୍ଦ ଅନୁଭବ କରିଥିଲେ । ତରବରରେ ସ୍ନାନାଦି କାମ ସାରିଥିଲେ । ମନ ଥିଲା ଛାଡ଼ି ଆସିଥିବା ଝୁଲାଟି ଉପରେ ।

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



ଫେରିଆସି ଗୁରୁଙ୍କ ମାର୍ଫତ୍‌ରେ ରଖି ଯାଇଥିବା ନିଜ ଝୁଲାକୁ ଅଣ୍ଡାଳି ପକାଇଥିଲେ । ଅତି ବିପ୍ରିତ ହୋଇ କହିଥିଲେ - ଗୁରୁଦେବ ! ମୋ ଥଳି ? ଝୁଲା ଭିତରେ ଥଳିଟି ନାହିଁ ଯେ ? ତା' ଭିତରେ ତ ସୁନାମୋହର ଥିଲା ।

ଗୁରୁଦେବ ହସିହସି କହିଥିଲେ - 'ତାହା ତୁମେ ଆଉ ପାଇବ ନାହିଁ । ନିକଟରେ ଥିବା ଏକ କୂଅକୁ ଇଙ୍ଗିତ କରି କହିଥିଲେ - ତାହା ତୁମେ ଆଉ ପାଇବ ନାହିଁ । ତାହା ତ ସେଇ କୂଅ ଭିତରେ ଆଶ୍ରୟ ନେଇସାରିଲାଣି । ଆମ ଭଳି ସଂସାର ବୈରାଗୀ, ନିର୍ଲୋଭଙ୍କ ପାଇଁ ତାହା ଅଦରକାରି ବସ୍ତୁ ଓ ସିଦ୍ଧିପଥର କଣ୍ଟା । ଚାଲ, ଏଥର ଆମେ ଆଶ୍ରମକୁ ଫେରିଯିବା । ମୁଁ ଭାବୁଛି ଏଣିକି ତୁମର ଆଉ ଏକାଗ୍ରତାରେ ଟିକିଏ ବି ବିଘ୍ନ ସୃଷ୍ଟିହେବନାହିଁ । ଶିଷ୍ୟ ଏବେ ଗୁରୁଙ୍କ କହିବାର ଅର୍ଥ ଏକାଗ୍ରତା ଭଙ୍ଗରେ ଥିବା କାରଣ ବୁଝିପାରିଥିଲେ । ଲୋଭ ରୂପି ତୀବ୍ର କାମନା ରହୁନଥିଲା ଏହା ଗୁରୁ ଜାଣିପାରିଥିଲେ । ତେଣୁ ଲୋଭର ମୂଳ ଉତ୍ସକୁ ବିନଷ୍ଟ କରିଦେବାକୁ ସିଦ୍ଧାନ୍ତ ନେଇଥିଲେ ।

- ୦ -

# ସଫଳତାର ଚାବି

ଅନିଶା ପ୍ରିୟଦର୍ଶିନୀ ଦାସ
+୩ ଦ୍ୱିତୀୟ ବର୍ଷ (କଳା)

ପ୍ରତ୍ୟେକ ମନୁଷ୍ୟର ଇଚ୍ଛା କରୁଥିବା କାର୍ଯ୍ୟ ସଫଳ ହେଉ । ପ୍ରତ୍ୟେକ ଛାତ୍ରର ଇଚ୍ଛା ସଫଳତା ପାଇବାକୁ । ଜୀବନରେ ହାର ଆଉ ଜିତ୍ ଲାଗିରହିଥାଏ । କୁହାଯାଏ ହାରିବା ଆଉ ଜିତିବା ଉପରେ ନିର୍ଭର କରେ । ଭାଗ୍ୟ ବନେଇବାର ଅଧିକାର ଈଶ୍ୱରଙ୍କର । ଭାଗ୍ୟକୁ ବଳଦେଇବାର କ୍ଷମତା କେବଳ ମନୁଷ୍ୟର । ଭାଗ୍ୟ ବଦଳିବ ସେତେବେଳେ ଯେତେବେଳେ ମନୁଷ୍ୟ ଚାହିଁବ । ହୋଇଥାଇ ପାରେ ସଫଳତା କିମ୍ବା ଅସଫଳତା । ଆମର ଭାଗ୍ୟରେ କ'ଣ ଲେଖା ଅଛି ଆମେ ଜାଣି ନାହାଁନ୍ତି ସତ କିନ୍ତୁ ଘଟୁଥିବା ଘଟଣା ଯେ ଭାଗ୍ୟର ଲେଖା ପାଇଁ ହେଉଛି ଏହା ଭାବିବା ଅର୍ଥ ନିଜକୁ ମୁର୍ଖାମୀର ପରିଚୟ ଦେବା । ହୋଇପାରେ ଅନ୍ୟ କିଛି ଘଟିବାର ଥିଲା ଆମେ ତାକୁ ବଦଳେଇ ଦେଇଛନ୍ତି । ଅର୍ଥାତ୍ ମନେକର

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



"ସଫଳତା" ପାଇବାର ଥିଲା କୌଣସି ନା କୌଣସି କାରଣରୁ "ଅସଫଳ" ହୋଇଗଲେ, କିମ୍ବା "ଅସଫଳ" ହେବାର ଥିଲା କୌଣସି ନା କୌଣସି କାରଣରୁ "ସଫଳ" ହୋଇଗଲେ । ଏହି ଦୁଇଟାର କାରଣ ଜାଣିଗଲେ ସଫଳତା ତୁମକୁ ବେଶି ଦୂରରେ ନୁହେଁ ।

ସଫଳ ଆଉ ଅସଫଳତାର କାରଣ କେବଳ ସମୟର ବ୍ୟବହାର । ବିତିଯାଇଥିବା ସମୟକୁ ଯେପରି ବ୍ୟବହାର କରିଛେ ଭବିଷ୍ୟତର ଉତ୍ତର ଆମକୁ ତାହାହିଁ ମିଳିବ ନାଁ କି ଚମତ୍କାର ଘଟିବ ।

ସଫଳତା ପାଇବାକୁ ସମସ୍ତେ ଆଗ୍ରହୀ । କିନ୍ତୁ ସଫଳତା ପାଇବା ପାଇଁ ହେଲେ କେଉଁ ପଥରେ ଯିବାକୁ ପଡ଼ିବ ତାହା ଆମେ ଭୁଲି କରିବସନ୍ତି । ଯାହା ଫଳରେ ଅସଫଳତା"ର ବଶବର୍ତ୍ତୀ ହୋଇପଡ଼ନ୍ତି । ଏ ହେଉଛି ପ୍ରଥମ କାରଣ ଅସଫଳ ହେବାର । ଦ୍ୱିତୀୟ କାରଣ ହେଉଛି ଯଦି ବାଛିଥିବା ପଥ । ଲକ୍ଷ୍ୟଟିରେ ଅସଫଳ ହେଉଛନ୍ତି ପ୍ରଥମ, ଦ୍ୱିତୀୟ ସୁଯୋଗରେ ନିଜର ଲକ୍ଷ୍ୟକୁ ପରିବର୍ତ୍ତନ କରିଦେଉଛନ୍ତି । ନୂତନ କାର୍ଯ୍ୟର ଶୁଭାରମ୍ଭ । ତୃତୀୟ ନିଜର ଜ୍ଞାନର ମାତ୍ରା କେତେ ହେବା ଆବଶ୍ୟକ ତାହା ଜାଣି ପାରିନଥାଆନ୍ତି । ଏହି ୩ଟି ଜିନିଷର ଅଭାବରେ ଆମକୁ ଅସଫଳ ହେବାକୁ ପଡ଼ିଯାଏ । ତିନୋଟି ଜିନିଷ କାର୍ଯ୍ୟ, ମନ ଓ ବୁଦ୍ଧି । କାର୍ଯ୍ୟ ନିଜର ଲକ୍ଷ୍ୟ ପଥରେ ହିଁ କରିବ । ମନକୁ ନିଜ ଲକ୍ଷ୍ୟ ପ୍ରତି ସ୍ଥିର ବା ଅଟଳ ରଖିବ ଏବଂ ବୁଦ୍ଧିର ମାତ୍ରାକୁ ବୃଦ୍ଧି କରିବ । ତେବେ ସଫଳତା ପାଇପାରିବ ।

କୌଣସି ସ୍ଥାନ ଅଧିକା କରିବା, ଉଚ୍ଚଭିଳାଷୀ ହେବା । ଅସମ୍ଭବ କାର୍ଯ୍ୟ ପ୍ରତି ମନଲଗେଇବା ପୁରା କରିବାର ଉଦ୍ଦେଶ୍ୟ ରଖିବା ଇତ୍ୟାଦି ଦୁନିଆରେ ଯାହାବି ଅଛି ସେସବୁକୁ ଅତିକଷ୍ଟ ନୁହେଁ କି ଅତି ସହଜ ନୁହେଁ । ପ୍ରତ୍ୟେକ ମନୁଷ୍ୟ ପାଇଁ ଏହା ସମାନ କେବଳ ବୁଝିବାରେ ଭୁଲ୍ ରହିଥାଏ । ଯେଉଁଥିପାଇଁ ସଫଳତା କିଛି ଲୋକଙ୍କୁ ଶୀଘ୍ର ମିଳିଯାଏ ଆଉ କିଛି ଲୋକଙ୍କୁ କିଛି ସମୟର ଅପେକ୍ଷା ପରେ ମିଳିଥାଏ

ଯଦି ଅସଫଳ ହେଉଛ ବାରମ୍ବାର ମନଦୁଃଖ କରିବା ଉଚିତ୍ ନୁହେଁ କି ନିଜକୁ ଦୋଷ ଦେବା ଉଚିତ୍ ନୁହେଁ କାରଣ ହାରିହାରି ଜିତିବାରେ ଯେଉଁ ମଜା ଆଉ ସୁଖ ଅଛି ସେ ସୁଖକୁ ଏକାଥରକରେ ଜିତିଥବବା ଲୋକ କେଉଁଠୁ ବୁଝିବ । ପଡ଼ି ପଡ଼ି ଚଢ଼ି ଶିଖିଥିବା ପାହାଚ ପୁନର୍ବାର ପଡ଼ିବାର ଆଶଙ୍କା ରହିନଥାଏ । କାରଣ ପଡ଼ି ବାର କାରଣ ବୁଝିସାରିଥାଏ । କିନ୍ତୁ "ଥରକରେ ଯିଏ ଚଢିଥିବ ତା'ର ଜ୍ଞାନ ବୁଦ୍ଧି ପାହାଚ ବିଷୟରେ ନଥିବ ଯାହାଫଳରେ ତା'ର କଟାଡ଼ିହୋଇ ପଡ଼ିବାର ଆଶଙ୍କା ଉପୁଜିବ, ଆଉ ପଡ଼ିଯାଇପାରେ ମଧ ।"

Edited with the trial version of
Foxit Advanced PDF Editor
To remove this notice, visit:
www.foxitsoftware.com/shopping



ଯଦି ଗୋଟେ ସଫଳ ମଣିଷକୁ ପଚାରଯାଏ କି ତା'ର ସଫଳତାାର ଉଦ୍ଦେଶ୍ୟ କ'ଣ ତେବେ ସେ ତା'ର କାହାଣୀ ଅସଫଳ ମୂହୂର୍ତ୍ତରୁ ହିଁ ଆରମ୍ଭ କରିବ । ତେଣୁ ସଫଳତା ପାଇବାକୁ ହେଲେ ନିଜକୁ 'ସଫଳତା ପାଇବା ସିଂହ ହୋଇ ଭୋକିଲା ରହି ସଫଳତାର ସ୍ୱାଦ ଚାଖିବାକୁ ପଡ଼ିବ ।

ସଫଳତା ଆଜି ନହେଲେ କାଲି ନିଶ୍ଚୟ ମିଳିବ । ଯଦି ନିଜ କର୍ତ୍ତବ୍ୟରେ ଅବହେଳା ନକର ତେବେ । ସଫଳତା ପାଇବାର ତିନି ନିୟମ:- ଖୁଦ୍ ସେ ବାଦା, ମେହନତ୍ ଯାଦା ମଜବୁତ୍ ଇରାଦା ।

"ଉଠ ଜାଗ, ବଢ଼ ।

ଏବଂ ସେ ପର୍ଯ୍ୟନ୍ତ ରୁକନି ଯେ ପର୍ଯ୍ୟନ୍ତ ଲକ୍ଷ୍ୟ ପ୍ରାପ୍ତ ନ ହୋଇଛି ।"

(ସ୍ୱାମୀ ବିବେକାନନ୍ଦ)

